THE HARSIKA

# ହର୍ଷିକା

ଏକ ନୂଆ ଆହ୍ୱାନ... ଓଡ଼ିଆ ଖବର

Harsika Media
24x7 News Channel
ଏକ ନୂଆ ଆହ୍ୱାନ..

PRIG No. :ORORI/26/A0387 A Unit of Harsika Media

Web : www.harsikamedia.in.net
Facebook : Harsika Media
Youtube : Harsika Media

• VOL.NO.01 • ISSUE NO. 03 • CUTTACK • WEEKLY • 09 - 15 FEBRUARY, 2026 • RS. 7.00 • PAGE-8
• ଭାଗ-୦୧ • ସଂଖ୍ୟା-୦୩ • କଟକ • ସାପ୍ତାହିକ • ୦୯ - ୧୫ ଫେବୃଆରୀ ୨୦୨୬ • ମୂଲ୍ୟ : ଟ.୭.୦୦ • ପୃଷ୍ଠା-୮

ସବୁବେଳେ ଶୂନ ଭଳି ହେବାକୁ
ଚେଷ୍ଟା କରନ୍ତୁ କାରଣ ଶୂନ ର କିଛି
ମୂଲ୍ୟ ନ ଥାଏ କିନ୍ତୁ ସେ ଯାହା
ସହିତ ମିଶି ଯାଏ ତା'ର ମୂଲ୍ୟ
ଦଶଗୁଣା ବଢ଼ିଯାଏ..

## ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଭାରତ ବିଶ୍ୱବିଜୟୀ

ହରାରେ (ଏଜେନ୍ସି) : ବାଜି ମାରିଲା ଭାରତ। ରେକର୍ଡ ଷଷ୍ଠ ଥର ପାଇଁ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍‌ରେ ହେଲା ଚାମ୍ପିୟନ। ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରି ଭାରତ ପୁଣି ହାତେଇଛି ଏହି ଟାଇଟଲ। ହରାରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ଚିତ୍ତାକର୍ଷକ ବ୍ୟାଟିଂ ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୪୧୧ ରନ୍ ସଂଗ୍ରହ କରିଥିଲା। ଦଳ ୯ଟି ୱିକେଟ୍ ହରାଇଥିଲା। ୪୧୨ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିବା ଇଂଲଣ୍ଡ ୩୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। କ୍ୟାଲେବ ଫାଲକୋନର ୬୭ ବଲ୍‌ରୁ ୧୧୫ ରନ୍ କରିଥିଲେ ହେଁ ଦଳକୁ ବିଜୟୀ କରାଇବାରେ ବିଫଳ ହୋଇଥିଲେ। କାରଣ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। ଓପନର ବେନ୍ ଡାଓ୍ୱକିନ୍‌ସ ୫୬ ବଲ୍‌ରୁ ୬୬ ରନ୍ କରିଥିବା ବେଳେ ଜୋ ମୋରିସ୍ ୧୭ ରନ୍ କରି ଆଉଟ୍ ହୋଇଯାଇଥିଲେ। ବେନ୍ ମେୟସ ୪୫ ରନ୍ କରିଥିବା ବେଳେ ଅଧିନାୟକ ଥୋମାସ ୩୧ ରନ୍ କରିଥିଲେ। ସେହିପରି ଜେମ୍‌ସ ମିଣ୍ଟୋ ୨୮ ରନ୍ କରିଥିଲେ। ୨ ଜଣ ବ୍ୟାଟର ଖାତା ଖୋଲି ପାରି ନଥିବା ବେଳେ ଆଉ ୨ ଜଣ ଯଥାକ୍ରମେ ୧ ଓ ୩ ରନ୍ କରିଥିଲେ। ଦଳ ୪୦.୨ ଓଭରରେ ୩୧୧ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା।




ବୈଭବ ବିସ୍ଫୋରଣ

୧୦୦ ରନ୍‌ରେ ଇଂଲଣ୍ଡ ପରାସ୍ତ

ଆର.ଏସ୍ ଆମ୍ବ୍ରିଶ ୩ଟି ୱିକେଟ୍ ନେଇଥିବା ବେଳେ ଡି ଦୀପେଶ ଓ କନିଷ୍କ ଚୌହାନ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଆୟୁଷ ମହାତ୍ରେ ଗୋଟିଏ ୱିକେଟ୍ ନେଇଥିଲେ। ଭାରତୀୟ ଦଳର ଏହି ବିଶାଳ ସ୍କୋରରେ ସବୁଠୁ ଅଧିକ ଯୋଗଦାନ ରହିଛି ବୈଭବ ସୂର୍ଯ୍ୟବଂଶୀଙ୍କର। ସେ ୧୭୫ ରନ୍ କରିଛନ୍ତି। ୮୦ଟି ବଲ୍‌ରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ସେ ଏହି ସ୍କୋର କରିଛନ୍ତି। ୫୦ ଓଭରର ଯେକୌଣସି ଆଇସିସି ଫାଇନାଲ (ପୁରୁଷ ସିନିୟର, ୧୯ ବର୍ଷରୁ କମ୍ ପୁରୁଷ, ମହିଳା ସନିୟର ଓ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ୍ ବିଶ୍ୱକପ୍ ଫାଇନାଲ) ରେ ଏହା ହେଉଛି କୌଣସି ଭାରତୀୟ ବ୍ୟାଟରଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର।

ସୂର୍ଯ୍ୟବଂଶୀ ମାତ୍ର ୫୫ ବଲ୍‌ରେ ଶତକ ପୂରଣ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଏହା ହେଉଛି ଦ୍ରୁତତମ ଶତକ। ସେହିପରି ୧୯ ବର୍ଷରୁ କମ୍ ବିଶ୍ୱକପ ଇତିହାସରେ ତାଙ୍କର ଏହି ଶତକ ହେଉଛି ଅନ୍ୟତମ ଦ୍ରୁତତମ ଶତକ। ଏହା ସହିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଶତକ ମାରିବାରେ ସେ ହେଉଛନ୍ତି ତୃତୀୟ ଭାରତୀୟ। ପୂର୍ବରୁ ମନଜୋତ କାଲରା ଓ ଉନ୍ମୁକ୍ତ ଚାନ୍ଦ ଶତକ ମାରିଥିଲେ। * ପୃଷ୍ଠା :୩

# କ୍ୟାନସର ଆଁରେ ଓଡ଼ିଶା

## ବିଶ୍ୱ କ୍ୟାନ୍ସର ଦିବସରେ ଆସିଲା ଚିନ୍ତାଜନକ ତଥ୍ୟ

ଭୁବନେଶ୍ୱର : ରାଜ୍ୟରେ ସାଂଘାତିକ ସ୍ଥିତିରେ କ୍ୟାନସର ପ୍ରାଦୁର୍ଭାବ । ବିଶ୍ୱ କର୍କଟ ଦିବସରେ ସାମ୍ନାକୁ ଆସିଲା ଓଡ଼ିଶାର ଉଦବେଗଜନକ ଚିତ୍ର । ବର୍ଷକୁ ଚିହ୍ନଟ ହେଉଛନ୍ତି ହାରାହାରି ୫୫ ହଜାର ନୂଆ ରୋଗୀ। କେବଳ ପଛୁଆ କି ଉପାନ୍ତ ଅଞ୍ଚଳ ନୁହେଁ, ରାଜ୍ୟର ଅନେକ ଶିକ୍ଷିତ ଓ ଆଗୁଆ ଜିଲ୍ଲା ବି ଏବେ କ୍ୟାନସର କବଳରେ । ଅଧାରୁ ଅଧିକ ଆକ୍ରାନ୍ତଙ୍କ ଠାରେ ଶେଷ ପର୍ଯ୍ୟାୟ କର୍କଟ ଚିହ୍ନଟ ହେଉଥିବାରୁ, ସଚେତନତା କାର୍ଯ୍ୟକ୍ରମର ପ୍ରଭାବ ଓ କାର୍ଯ୍ୟକାରିତାକୁ ନେଇ ଉଠିଛି ପ୍ରଶ୍ନ । ପୂର୍ବରୁ ବରଗଡ଼କୁ କୁହାଯାଉଥିଲା ରାଜ୍ୟର କ୍ୟାନସର କ୍ୟାପିଟାଲ । ପଶ୍ଚିମ ଓଡ଼ିଶାରୁ ଚିହ୍ନଟ ହେଉଥିଲେ ପ୍ରାୟ ୮୫ ପ୍ରତିଶତ ଆକ୍ରାନ୍ତ । ହେଲେ ତଥ୍ୟ କହୁଛି, ଏବେ ଉପକୂଳକୁ ବି ଗ୍ରାସି ସାରିଲାଣି କର୍କଟ ରାକ୍ଷସ । ୨୦୨୫-୨୬ ଆର୍ଥିକ ବର୍ଷରେ ଜାନୁଆରି ସୁଦ୍ଧା ରାଜ୍ୟରେ ୨୩ ହଜାର ୧୩୧ କ୍ୟାନସର୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟା କଟକ ଜିଲ୍ଲାରେ ସର୍ବାଧିକ ୪ ହଜାର ୭୭୯, କେନ୍ଦ୍ରାପଡ଼ାରେ ୧ ହଜାର ୮୭୮, ଯାଜପୁରରେ ୧ ହଜାର ୮୫୩, ଜଗତସିଂହପୁରରେ ୧ ହଜାର ୮୨୨, ବାଲେଶ୍ୱରରେ ୧ ହଜାର ୫୪୬ ଓ ଭଦ୍ରକ ଜିଲ୍ଲାରେ ୧ ହଜାର ୪୩୨ ରହିଛି । ରାଜ୍ୟରେ ବର୍ଷକୁ ହାରାହାରି ୫୫ ହଜାର ନୂଆ ରୋଗୀ ଚିହ୍ନଟ ହେଉଥିବା ବେଳେ, କର୍କଟ ଚିହ୍ନଟର ପ୍ରଥମ ବର୍ଷରେ ୬୦ ପ୍ରତିଶତ ଅର୍ଥାତ୍ ୩୫ ହଜାର ଆକ୍ରାନ୍ତ ପ୍ରାଣ ହରାଉଛନ୍ତି । ଏବେ ମୁଖ ଗହ୍ୱର ଓ ସ୍ତନ କର୍କଟ ପ୍ରାଦୁର୍ଭାବ ସବୁଠୁ ଅଧିକ ଦେଖିବାକୁ ମିଳିଛି।



ଅଧାରୁ ଅଧିକ ଆକ୍ରାନ୍ତଙ୍କ କ୍ଷେତ୍ରରେ କ୍ୟାନସର ଚିହ୍ନଟ ହେଲା ବେଳକୁ ନେଡ଼ି ଗୁଡ଼ କହୁଣୀକୁ ବୋହିବା ସ୍ଥିତି । ଶେଷ ପର୍ଯ୍ୟାୟରେ ରୋଗ ଧରାପଡ଼ିଲେ ଡାକ୍ତର ବି ନାଚାର । * ପୃଷ୍ଠା :୩

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରେଡର ଶୁଭାରମ୍ଭ

# ଓଡ଼ିଶା ଭିଜନ ୨୦୪୭ର ହେବ ଗ୍ରୋଥ୍ ଇଞ୍ଜିନ୍ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ପାଇଁ ଅର୍ଥନୈତିକ କରିଡର ଶୁଭାରମ୍ଭ। ଓଡ଼ିଶା ଭିଜନ ୨୦୪୭ର ମୁଖ୍ୟ ଗ୍ରୋଥ୍ ଇଞ୍ଜିନ ହେବ ବିସିପିପିଇଆର। ଲୋକସେବା ଭବନରେ ବିସିପିପିଇଆର ଅଧୀନରେ ଅନେକ ଗୁଡିଏ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାଦ୍ୱାରା ଏହି ଅଞ୍ଚଳ ଗୁଡିକରେ ପର୍ଯ୍ୟଟନ ଭିତ୍ତିକ ସାଂସ୍କୃତିକ ଓ ଐତିହ୍ୟ ଅର୍ଥନୀତି ଭାବେ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ବନ୍ଦର ଭିତ୍ତିକ ଶିଳ୍ପ ଓ ଲଜିଷ୍ଟିକ୍ ହବରେ ପରିଣତ ହୋଇପାରିବ। ଏହି କରିଡରରେ ୪ଟି ଜିଲ୍ଲା ପୁରୀ-ଖୋର୍ଦ୍ଧା-କଟକ-ଜଗତସିଂହପୁର ସାମିଲ କରାଯାଇଛି। ୧୧ ହଜାର ୮୯୨ ବର୍ଗ କିଲୋମିଟରରେ ଅଞ୍ଚଳ ଏହି କରିଡର ପରିବ୍ୟାପ୍ତ। ଏହି ଅଞ୍ଚଳର ସମନ୍ୱିତ ଭିତ୍ତିଭୂମି ସଂସ୍କୃତି-ଅନୁକୂଳ, ନବସୃଜନ ଅନୁକୂଳ, ପ୍ରକୃତି-ଅନୁକୂଳ ଆଧାରିତ। ପୁରୀର ସାଂସ୍କୃତିକ ଗରିମା, ପାରାଦୀପ ବନ୍ଦର ନଗର, ଆଇଟି ଏଜୁକେସନ ହବ ଭୁବନେଶ୍ୱର, ଐତିହ୍ୟ ସମ୍ପନ୍ନ କଟକ ସହର ଏ ଅଞ୍ଚଳକୁ ଭିନ୍ନ ପରିଚୟ ଦେବ। * ପୃଷ୍ଠା :୩

## ଭାରତ ବିଶ୍ୱକୁ ଦେଖାଇଲା ନିଜର ପରମାଣୁ ଶକ୍ତି

# ଅଗ୍ନି-୩ର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୬/୨ (ଏଜେନ୍ସି) : ଭାରତ ନିଜର ଶତ୍ରୁଙ୍କୁ ପୁଣି ଥରେ ଚେତାବନୀ ଦେଇଛି। ଶୁକ୍ରବାର ଭାରତ ମଧ୍ୟମ ଦୂରତ୍ୱର ବାଲିଷ୍ଟିକ୍ ମିସାଇଲ 'ଅଗ୍ନି-୩'ର ସଫଳ ପରୀକ୍ଷଣ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି କଥାର ସୂଚନା ପ୍ରଦାନ କରିଛି। ଅଧିକାରୀମାନେ କହିଛନ୍ତି ଯେ, ଏହି ମିସାଇଲର ପରୀକ୍ଷଣ ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ସଫଳତା ପୂର୍ବକ କରାଯାଇଛି। ପ୍ରକ୍ଷେପଣ ବେଳେ ସବୁ ପରିଚାଳନା ଓ ଟେକ୍ନିକାଲ ମାନକର ସଫଳତାପୂର୍ବକ ସତ୍ୟାପନ କରାଯାଇ ଥିଲା। ଏହି ପରୀକ୍ଷଣ ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡର ତତ୍ତ୍ୱାବଧାନରେ କରାଯାଇ ଥିଲା। ସୂଚନା ମୁତାବିକ, ଅଗ୍ନି-୩ ଏକ ପରମାଣୁ କ୍ଷମତାସଂପନ୍ନ ଇଣ୍ଟରମିଡିଏଟ୍ ରେଞ୍ଜ ବାଲିଷ୍ଟିକ୍ ମିସାଇଲ। ପ୍ରତିରକ୍ଷା ସୂତ୍ରାନୁସାରେ , ଏହାର ସଫଳ ପରୀକ୍ଷଣ ମିସାଇଲ ସିଷ୍ଟମର ବିଶ୍ୱସନୀୟତାକୁ ସ୍ପଷ୍ଟ କରିଛି। ଏହି ମିସାଇଲ ଏକ ଦୁଇ-ଷ୍ଟେଜ୍ ଯୁକ୍ତ ସିଷ୍ଟମ , ଯାହା ସଲିଡ୍ ଫୁଏଲରେ ଚାଲି ଥାଏ। ପ୍ରଥମ ଷ୍ଟେଜର ଇନ୍ଧନ ଶେଷ ହେବା ପରେ, ଦ୍ୱିତୀୟ ଷ୍ଟେଜ୍ ସକ୍ରିୟ ହୋଇଥାଏ ଏବଂ ମିସାଇଲ୍ ସ୍ଥିର ରାସ୍ତାରେ ଲକ୍ଷ୍ୟ ଆଡ଼କୁ ବଢୁଛି।



# ବେଆଇନ କୋଇଲା ଖଣିରେ ବିସ୍ଫୋରଣ

# ୧୮ ଶ୍ରମିକ ଜୀବନ ହରାଇଲେ

ସିଲଂ : ମେଘାଳୟର ପୂର୍ବ ଜୈଣ୍ଟିଆ ପାହାଡ଼ ଜିଲ୍ଲାର ଗୋଟିଏ ଗାଁରେ ଥିବା ବେଆଇନ ଖଣି ଖାଦାନ(Coal Mine)ରେ ଭୟଙ୍କର ବିସ୍ଫୋରଣ। ଏଥିଯୋଗୁ ଖଣି ଖାଦାନରେ ଫସି ଯାଇଥିଲେ ଏକାଧିକ ଶ୍ରମିକ। ବର୍ତ୍ତମାନ ସୁଦ୍ଧା ବିସ୍ଫୋରଣ ଯୋଗୁ ୧୬ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସେହିପରି ଅନେକ ଶ୍ରମିକ ଖଣି ଖାଦାନ ମଧ୍ୟରେ ଫସି ରହିଥିବା ହୋଇଥିବା ଗୁରୁବାର ପୁଲିସ୍ କହିଛି। ଘଟଣାଟି ଥାଙ୍ଗସ୍କୁ ଅଞ୍ଚଳରେ ଘଟିଛି। ଘଟଣା ସମ୍ପର୍କରେ ପୁଲିସ୍ ଖବର ପାଇବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦଳ ବା ଏସଡିଆରଏଫର ସହାୟତା ଲୋଡ଼ିଛି। ବର୍ତ୍ତମାନ ସୁଦ୍ଧା ଖଣି ଖାଦାନରୁ ୧୬ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ କହିବା କଥା ଯେ ଅନୁମତି ନଥାଇ ଗାଁ ନିକଟରେ ଥିବା ଖଣିରେ କାମ ଚାଲିଥିଲା। କୋଇଲା ଉତ୍ତୋଳନ ଚାଲିଥିବା ବେଳେ ବିସ୍ଫୋରଣ ଯୋଗୁ ଏହା ଭୁଶୁଡ଼ି ପଡ଼ିଥିଲା। ଏଥିଯୋଗୁ ଏତେ ବଡ଼ ଘଟଣା ଘଟିଛି। ୨୦୧୪ରୁ ମେଘାଳୟରେ ମୂଷା ଗାତ କୋଲ ମାଇନିଂ ଓ ଅନ୍ୟ ଅଣ ବିଜ୍ଞାନ ଭିତ୍ତିକ ଖଣି ଖନନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରୋକ ଲଗାଇଛନ୍ତି। ପରିବେଶ ଓ ସୁରକ୍ଷା ଜନିତ ଚିନ୍ତା କାରଣରୁ ଏପରି ପଦକ୍ଷେପ ନିଆଯାଇଛି। ସେହିପରି କୋଇଲା ଚାଲାଣ ଉପରେ ମଧ୍ୟ କଟକଣା ଲଗାଯାଇଛି। ତଥାପି

**ଅନେକ ଶ୍ରମିକ ଖଣି ଭିତରେ ଫସିଛନ୍ତି**



ବେଆଇନ ଖଣି ଖନନ ସ୍ଥାନୀୟ ଅଞ୍ଚଳରେ ବନ୍ଦ ହୋଇ ନାହିଁ। ମୂଷା ଗାତ ମାଇନିଂ ସାଧାଣତଃ ଅଣ ଓସାରିଆ ଟନେଲକୁ ଖୋଳି କରାଯାଏ। ଏହା ଉଚ୍ଚତା ପ୍ରାୟ ୩ରୁ ୪ ଫୁଟ। ଏହା ମଧ୍ୟରେ ଶ୍ରମିକମାନେ ବିପଦଜନକ ଅବସ୍ଥାରେ ପ୍ରବେଶ କରି ଖଣି ଖନନ କରନ୍ତି। ଏଥିରେ ଗୋଟିଏ ସମୟରେ ଜଣେ ହିଁ ପଶି ପାରିବାର ସୁବିଧା ରହିଥାଏ। ୨୦୧୪ରେ ଜାତୀୟ ଗ୍ରୀନ ଟ୍ୟୁବନାଲ ଦେଇଥିବା ରାୟକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ ଓ କେବଳ ବିଜ୍ଞାଭିତ୍ତିକ ଖଣି ଖନନକୁ ଅନୁମତି ଦେଇଥିଲେ। ହେଲେ ମେଘାଳୟରେ ନିୟମିତ ଭାବେ ବେଆଇନ ଖଣି ଖନନ ଜାରି ରହିଛି। ଏବେ ଏଥିଯୋଗୁ ଏତେ ବଡ଼ ଅଘଟଣ ଘଟିଛି।



**ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ**

**ନାଗା ସଂପ୍ରଦାୟର ଲୋସି, କୁକିର ନେମଚା ଉପମୁଖ୍ୟମନ୍ତ୍ରୀ**

● ମଣିପୁରର ମୁଖ୍ୟମନ୍ତ୍ରୀ ଭାବେ

# ଶପଥ ନେଲେ ଖେମଚାନ୍ଦ ସିଂହ

ଇମ୍ଫାଲ : ଦୀର୍ଘ ଗୋଟିଏ ବର୍ଷ ପରେ ମଣିପୁରକୁ ମିଳିଛନ୍ତି ନୂଆ ମୁଖ୍ୟମନ୍ତ୍ରୀ। ବିଜେପି ନେତା ତଥା ମଣିପୁର ବିଧାନସଭାର ବିଧାୟକ ଦଳ ନେତା ଯୁମନାମ ଖେମଚାନ୍ଦ ସିଂହ ଆଜି ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବୁଧବାର ରାଜ୍ୟପାଳ ଭଲ୍ଲା ତାଙ୍କୁ ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଇମ୍ଫାଲ ସ୍ଥିତ ଲୋକ ଭବନରେ ଆୟୋଜିତ ଶପଥ ପାଠ ଉତ୍ସବରେ ଏକାଧିକ ବିଜେପି ବିଧାୟକ, ଦଳର ବରିଷ୍ଠ ନେତା ଓ ମଣିପୁର ଏନଡିଏର ପ୍ରମୁଖ ନେତାମାନେ ଉପସ୍ଥିତ ରହିଥିଲେ। ଶପଥ ପାଠ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, "ମଣିପୁର ବିକଶିତ ଭାରତ ୨୦୪୭ରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ମଣିପୁରରେ ୩୬ଟି ସଂପ୍ରଦାୟ ରହିଛନ୍ତି। ଆମର ଆଶା ରାଜ୍ୟରେ ଆମେ ଗୋଟିଏ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବୁ।" ମଣିପୁର ବିଧାନସଭାର ୪୫ ଜଣ ବିଧାୟକ ମିଳିତ ଭାବେ ଖେମଚାନ୍ଦ ସିଂହଙ୍କୁ ମୁଖ୍ୟମନ୍ତ୍ରୀ କରିବା ସପକ୍ଷରେ ମତ ରଖିଥିଲେ। ଏହାପରେ ମୈତେ ସଂପ୍ରଦାୟର ଖେମଚାନ୍ଦ ସିଂହ ରାଜ୍ୟପାଳ ଭଲ୍ଲାଙ୍କୁ ଭେଟି ସରକାର ଗଠନ କରିବାକୁ ଦାବି ଜଣାଇଥିଲେ। ସନ୍ଧ୍ୟାରେ ଖେମଚାନ୍ଦ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ପାୱାର ଶେୟାରିଂ ଡିଲ ଅନୁସାରେ ଖେମଚାନ୍ଦ ମୁଖ୍ୟମନ୍ତ୍ରୀ ଓ କୁକି ସଂପ୍ରଦାୟର ନେମଚା କିପଗେନ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେ ମଣିପୁରର ପ୍ରଥମ ମହିଳା ଉପ ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ କରିଛନ୍ତି। ସେହିପରି ଗୋବିନ୍ଦାସ କୋନଥୁଜାମ ରାଜ୍ୟର ଗୃହ ମନ୍ତ୍ରୀ ହେବେ। ଶପଥ ପାଠ ଉତ୍ସବ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବର୍ଷେ ହେଲା ମଣିପୁରରେ ଲାଗୁ ହୋଇଥିବା ରାଷ୍ଟ୍ରପତି ଶାସନକୁ ପ୍ରତ୍ୟାହାରୁ କରିଥିଲେ। ମଣିପୁର ୨୦୨୫ ଫେବୃଆରି ୧୩ ତାରିଖରୁ ରାଷ୍ଟ୍ରପତି ଶାସନ ଅଧୀନରେ ଥିଲା। ମୁଖ୍ୟମନ୍ତ୍ରୀ ପଦରୁ ଏନ୍ ବୀରେନ୍ ସିଂହ ଫେବୃଆରୀ ୯ରେ ଇସ୍ତଫା ଦେଇଥିଲେ। ଏହାର ୪ ଦିନ ପରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ସେ ମୈତେ ଓ କୁକି ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଚାଲିଥିବା ଦୀର୍ଘକାଳୀନ ଜାତିଗତ ହିଂସା ନିୟନ୍ତ୍ରଣରେ ବିଫଳତା ଯୋଗୁ ବ୍ୟାପକ ସମାଲୋଚନାର ଶିକାର ହୋଇଥିଲେ। ଏହି ହିଂସାରେ ଅନେକ ମୃତ୍ୟୁ, ବିସ୍ଥାପନ ଓ ସମ୍ପତ୍ତି ନଷ୍ଟ ହୋଇଥିଲା।

# ଡେଲିଭରୀ ବୟେଜ୍ ଯୁବ ବ୍ୟବସାୟୀଙ୍କୁ ପିଟି ପିଟି ମାରି ଦେଲେ

● ଦୁଇ ଗିରଫ

ନୂଆଦିଲ୍ଲୀ : ଦିଲ୍ଲୀର କନଟ୍ ପ୍ଲେସରେ ଏକ ଭୟଙ୍କର ଘଟଣା ଘଟିଛି। ଏଠାରେ ତିନି ଜଣ ଫୁଡ୍ ଡେଲିଭରୀ ବୟ, ଜଣେ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରିଥିବା ଖବର ଆସିଛି। ମୃତକ ବ୍ୟବସାୟୀଙ୍କ ନାଁ ଶିବମ୍ ଗୁପ୍ତା। ତାଙ୍କର ବୟସ ୩୬ ବର୍ଷ। ସେ ୩ ଜାନୁଆରୀ ରାତିରେ ଏକ ପାର୍ଟିରୁ ଫେରୁଥିବା ବେଳେ ତିନି ଜଣ ଫୁଡ୍ ଡେଲିଭରୀ ରାଇଡର୍ସ ତାଙ୍କୁ ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ଗୁରୁତର ଶିବମ୍ ପ୍ରାୟ ଦୁଇ ସପ୍ତାହ ଧରି ହସ୍ପିଟାଲରେ ଜୀବନ ସହିତ ସଂଘର୍ଷ କରୁଥିବେ। ଶେଷରେ ୧୯ ଜାନୁଆରୀରେ ସେ ଆଖି ବୁଜି ଦେଇଥିଲେ। ପୁଲିସ ଉକ୍ତ ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ତୃତୀୟ ଜଣକୁ ଖୋଜା ଚାଲିଛି। ଘଟଣାର ସୂତ୍ରାପାତ ଏକ ସାଧାରଣ ଯୁକ୍ତିତର୍କରୁ ଆରମ୍ଭ ହୋଇଥିଲା। ଏହାପରେ ତିନିଜଣ ଆକ୍ରମଣକାରୀ ( ଫୁଡ୍ ଡେଲିଭରୀ ବୟ) ଶିବମଙ୍କୁ ତାଙ୍କର ହେଲମେଟ୍ ଦ୍ୱାରା ଆକ୍ରମଣ କରିଥିଲେ ଏବଂ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଫୁଟପାଥରେ ଛାଡ଼ି ପଳାଇ ଥିଲେ। ପୁଲିସକୁ ସୂଚନା ମିଳିବା ପରେ ଶିବମଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇ ଥିଲା। ଡାକ୍ତରମାନେ ତାଙ୍କ ମୁଣ୍ଡରେ ଗମ୍ଭୀର ଇଣ୍ଟରନାଲ ଇନଜୁରୀ ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କର ଅବସ୍ଥା ଏତେ ସାଂଘାତିକ ହୋଇଥିଲା ଯେ, ସେ ପୁଲିସକୁ ବୟାନ ଦେବାର ସ୍ଥିତିରେ ନଥିଲେ। ଅସ୍ତ୍ରୋପଚାର ପରେ କିଛି ଦିନ ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତିର ଆଶା କରାଯାଉ ଥିଲା ଏବଂ ସେ ଡାକ୍ତରଙ୍କ କଥାରେ ମଧ୍ୟ ପ୍ରତିକ୍ରିୟା ଦେଉ ଥିଲେ, କିନ୍ତୁ ଶେଷରେ ତାଙ୍କୁ ବଞ୍ଚାଯାଇ ପାରିଲା ନାହିଁ। ଶିବମଙ୍କ ତାଙ୍କ ବାପା ଅନିଲ କାନ୍ତ ଗୁପ୍ତାଙ୍କ ଏକମାତ୍ର ପୁଅ ଥିଲେ, ଯିଏ ପାହାଡ଼ଗଞ୍ଜରେ ଦୁଇଟି ଦୋକାନ ଚଳାଉଛନ୍ତି। ଲକ୍ଷ୍ମୀ ନଗରର ବାସିନ୍ଦା ଶିବମ୍ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ଏକ ପାର୍ଟିକୁ ଯାଉଥିବା କହି ଘରୁ ବାହାରି ଥିଲେ ।

# ଆପ୍ ନେତାଙ୍କୁ ଗୁଳିକରି ହତ୍ୟା



ଜଳନ୍ଧର : ପଞ୍ଜାବର ଜଳନ୍ଧରରେ ଆମ୍ ଆଦ୍‌ମୀ ପାର୍ଟି ର ଜଣେ ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତକଙ୍କ ନାଁ ଲକି ଓବେରାୟ। ଜଳନ୍ଧରର ଜନଗହଳିପୂର୍ଣ୍ଣ ମଡେଲ ଟାଉନ ଅଞ୍ଚଳରେ ଥିବା ଏକ ଗୁରୁଦ୍ୱାର ବାହାରେ ଘଟିଛି ଏହି ଘଟଣା। ଲକି ଓବେରାୟ କାରରେ ବସିଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଲକିଙ୍କ ଉପରକୁ ଦୁର୍ବୃତ୍ତମାନେ ଅନେକ ରାଉଣ୍ଡ ଗୁଳି ଫାୟାର କରିଥିଲେ। ଲକିଙ୍କ ଦେହରେ ୫ଟି ଗୁଳି ବାଜିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଜଳନ୍ଧରରେ ଆତଙ୍କ ଖେଳି ଯାଇଛି। ଲୋକେ ଭୟଭୀତ ହୋଇଯାଇଛନ୍ତି।



# ପୁଣି କମିଲା ସୁନା ଓ ରୂପା ଦର

ନୂଆଦିଲ୍ଲୀ : ଦର ବୃଦ୍ଧି ହେବା ପରେ ପୁଣି କମିଛି ସୁନା ଓ ରୂପା ଦର । ସେୟାର ମାର୍କେଟ ଖୋଲିବା ମାତ୍ରେ ୨୪କ୍ୟାରେଟ ସୁନାର ମୂଲ୍ୟ ୫ହଜାର ହ୍ରାସ ପାଇଛି । ୧୦ଗ୍ରାମ ପିଛା ୨୪କ୍ୟାରେଟ୍ ସୁନାର ଦାମ୍ ୧ଲକ୍ଷ ୫୪ହଜାର ୫୭୦ ହୋଇଛି। ଏହା ୧ଲକ୍ଷ ୫୯ହଜାର ୫୯୦ ରହିଥିଲା। ସେହିପରି ୨୨କ୍ୟାରେଟ ସୁନା ୪ହଜାର ୬୦୦ କମିଛି। ୧୦ଗ୍ରାମ୍ ପିଛା ୨୨କ୍ୟାରେଟ୍ ସୁନାର ଦାମ୍ ୧ଲକ୍ଷ ୪୧ହଜାର ୭୦୦ ହୋଇଛି । ଗତକାଲି ଏହା ୧ଲକ୍ଷ ୪୬ହଜାର ୩୦୦ ହୋଇଥିଲା । ଅନ୍ୟପଟେ ରୂପା ଦର ମଧ୍ୟ ହ୍ରାସ ପାଇଛି । ପୁଣି ୨୦ହଜାର କମିଲା ରୂପା ଦର । ୧କିଲୋଗ୍ରାମ ରୂପାର ଦାମ୍ ୨୦ହଜାର ଟଙ୍କା ହ୍ରାସ ପାଇ ୩ଲକ୍ଷରେ ପହଞ୍ଚିଛି ।


**ବିଲଡିଂରୁ ଡେଇଁ ୩ ଉଭଣୀଙ୍କ ଆତ୍ମହତ୍ୟା ଘଟଣା**

# ବାପାଙ୍କ ସାଂଘାତିକ ଦାବି

ଗାଜିଆବାଦ : ଗାଜିଆବାଦ ଟ୍ରିପଲ ସୁଇସାଇଡ ମାମଲାରେ ନୂଆ ଖୁଲସା। ୩ ଭଉଣୀ କୋରିଆନ ଗେମ ଜାଲରେ ଫସି ଏପରି ପଦକ୍ଷେପ ନେଇଛନ୍ତି ନା ପରିବାରର ଆର୍ଥିକ ବୋଝ ଯୋଗୁ ଏହା ଘଟିଛି, ତା'ର ତଦନ୍ତ ପୁଲିସ୍ ? କରୁଛି। ତେବେ ୩ ଉଭଣୀଙ୍କ ବାପା ସିଧାସଳଖ ଆର୍ଥିକ ବୋଝ ଦିଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବା କଥା ଯେ ୩ ଝିଅଙ୍କ ମଧ୍ୟରେ ବଢୁଥିବା କୋରିଆ ଓ କୋରିଆପ ପପ ସଂସ୍କୃତି ଯୋଗୁ ସେମାନେ ବୁଧବାର ରାତି ୨.୧୫ରେ ୯ମ ମହଲାରୁ ଡେଇଁ ଜୀବନ ହାରିଛନ୍ତି। ୩ ଉଭଣୀଙ୍କ ବାପା ଚେତନ କୁମାର ଦାବି କରିଛନ୍ତି ଯେ ତାଙ୍କର ୩ ଝିଅ ସେମାନଙ୍କ ଭାରତୀୟତାକୁ ଆଦୌ ପସନ୍ଦ କରୁ ନଥିଲେ। ସେମାନେ କୋରିଆ ସଂସ୍କୃତିକୁ ବେଶ ପସନ୍ଦ କରୁଥିଲେ। ଚେତନ କହିଛନ୍ତି ଯେ ତାଙ୍କ ୩ ଝିଅ ପାଖି(୧୨), ପ୍ରାଚୀ(୧୨) ଓ ନିଶିକା(୧୬) ନିୟମିତ ଭାବେ କୋରିଆ ଯିବାକୁ କହୁଥିଲେ ଓ ସେମାନଙ୍କୁ ଭାରତୀୟ କହିଲେ ଚିଡୁଥିଲେ। ସେ କହିଛନ୍ତି, "ସେମାନେ ମୋତେ ବାରମ୍ବାର କୋରିଆ ନେଇ ଯିବାକୁ କହୁଥିଲେ। କିନ୍ତୁ ମୁଁ ସେମାନଙ୍କୁ କହୁଥିଲି ଯେ ଆମେ ଭାରତୀୟ। ଭାରତ ନାଁ ଶୁଣିଲେ ସେମାନଙ୍କୁ ରାଗ ଆସୁଥିଲା। ସେମାନେ ଏପରି କି ଖାଉ ନଥିଲେ।"

ଚେତନ ଦାବି କରିଛନ୍ତି ଯେ ମାତ୍ର ୨ରୁ ୩ ମାସ ତଳେ ସେ ଝିଅମାନଙ୍କର କୋରିଆ ସଂସ୍କୃତି ପ୍ରତି ଥିବା ଭଲ ପାଇବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ କହିଛନ୍ତି, "ସେମାନେ ମୋତେ କହୁଥିଲେ ଯେ ଯଦି ମୁଁ ସେମାନଙ୍କୁ କୋରିଆ ନ ନେବି, ତା'ହେଲେ ସେମାନେ ମରିଯିବେ।" ପ୍ରାଥମିକ ତଦନ୍ତରୁ





ଚେତନଙ୍କ ସମ୍ପର୍କରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଚେତନଙ୍କର ୨ ଜଣ ପତ୍ନୀ ରହିଛନ୍ତି ଓ ସେମାନେ ଦୁଇ ଭଉଣୀ। ଏହି ଦୁଇ ପତ୍ନୀଙ୍କ ଠାରୁ ତାଙ୍କର ୫ ପିଲା ରହିଥିଲେ। ୧୬ ବର୍ଷୀୟ ଝିଅ ସବୁଠାରୁ ବଡ଼। ପ୍ରଥମ ପତ୍ନୀଙ୍କ ଝିଅ ହେଉଛି ବିଶିକା। ୧୪ ବର୍ଷୀୟ ପ୍ରାଚୀ ଓ ୧୨ ବର୍ଷୀୟ ପାଖି ଦ୍ୱିତୀୟ ପତ୍ନୀଙ୍କ ଝିଅ। ଚେତନ ଜଣେ ଷ୍ଟକ ଟ୍ରେଡର। ତାଙ୍କ ଉପରେ ପ୍ରାୟ ୨ କୋଟି ଟଙ୍କାର ଋଣ ଥିଲା। ଏପରି କି ସେ ୩ ଝିଅଙ୍କ ସ୍କୁଲ ଯିବା ୨ ବର୍ଷ ତଳେ ବନ୍ଦ କରି ଦେଇଥିଲେ। ଏ ସମ୍ପର୍କରେ ଚେତନ କୁମାର କହିଛନ୍ତି ଯେ "ମୁଁ ୨୦ରୁ ୩୦ ଲକ୍ଷ ଟଙ୍କାର କ୍ଷତି ସହିଥିଲି। କିନ୍ତୁ ଏହା ସହ ମୋ ପିଲାଙ୍କ ଆତ୍ମହତ୍ୟା ମାମଲା କେମିତି ଜଡ଼ିତ ମୋର ୩ ଝିଅ କୋରିଆନ ସଂସ୍କୃତି ସହ ଏତେ ମାତ୍ରାରେ ଜଡ଼ିତ ଥିଲେ ଯେ ସେମାନେ ନିଜ ନିଜର ନାଁ ଆଲିଜା, କିଣ୍ଡୀ ଓ ମାରିଆ ରଖିଥିଲେ।" ମଙ୍ଗଳବାର ସନ୍ଧ୍ୟାରେ କ'ଣ ସବୁ ଘଟିଥିଲା, ତା'ର ବିସ୍ତୃତ ସୂଚନା ଦେଇ ଚେତନ କହିଛନ୍ତି ଯେ ସନ୍ଧ୍ୟା ୭ଟାରେ ଝିଅମାନଙ୍କ ସହ ତାଙ୍କର ଛୋଟ ଧରଣର ଯୁକ୍ତିତର୍କ ହୋଇଥିଲା। ନିଜର ପାଠ ପଢ଼ା ଶେଷ କରିବାକୁ ଜଣେ ଝିଅ କୋରିଆ ଯିବାକୁ ଜିଦ କରିବାକୁ ପାଟିତୁଣ୍ଡ ହୋଇଥିଲା। ଏହାପରେ ଚେତନ ୩ ଝିଅଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। କିନ୍ତୁ ରାତି ପ୍ରାୟ ୧୦ଟା ବେଳେ ସେମାନେ ପୁଣି ମୋବାଇଲ ପାଇଯାଇଥିଲେ।

ମଧ୍ୟରାତ୍ର ଯାଏ ସେମାନେ ମୋବାଇଲ ଚିପିବାରୁ ମୋ ପତ୍ନୀ ସେମାନଙ୍କ ଠାରୁ ଏହା ପୁଣି ନେଇ ଆସିଥିଲେ। ଏହି ଘଟଣା ପରେ ୩ ଭଉଣୀ ନିଜକୁ ଘରର ପ୍ରାର୍ଥନା ରୁମରେ ଲକ କରି ଦେଇଥିଲେ। ଶେଷରେ ୨.୧୫ରେ ପରିବାର ଲୋକ ସେମାନଙ୍କୁ ମୃତ ଅବସ୍ଥାରେ ପାଇଥିଲେ ବୋଲି ଚେତନ କହିଛନ୍ତି। ତଦନ୍ତକାରୀ ଅଧିକାରୀମାନେ ଗୋଟିଏ ହାତ ଲେଖା ଚିଠି ପାଇଛନ୍ତି। ଏଥିରେ ୩ ଉଭଣୀ ସେମାନଙ୍କ ବାପାଙ୍କୁ କ୍ଷମା ମାଗିଛନ୍ତି ଓ ଉତ୍ତର ପାଇବାକୁ ସେମାନେ ଛାଡ଼ି ଯାଇଥିବା ଡାଏରୀ ପଢ଼ିବାକୁ କହିଛନ୍ତି। ଜଣେ ଉଭଣୀ ଲେଖିଛନ୍ତି ଯେ "ମୁଁ ପୂରା ଦୁଃଖିତ, ଦୁଃଖିତ ପାପା।" କାନ୍ଥରେ ଲେଖା ହୋଇଛି ଯେ "ମୋ ଜୀବନ ଅତ୍ୟନ୍ତ ଏକା।"

ପୁଲିସ୍‌ର କହିବା କଥା ଯେ ୩ ଉଭଣୀ କୋରିଆନ ସଂସ୍କୃତି ସହ ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ସେମାନେ କୋରିଆନ ସିନେମା, ମ୍ୟୁଜିକ ଓ ଗେମରେ ବୁଡ଼ି ରହୁଥିଲେ। ମୋବାଇଲ ନିଶା ସେମାନଙ୍କୁ ଘାରିଥିଲା। ପରିବାର ଲୋକ ସେମାନଙ୍କ ଏହି ନିଶାକୁ ବାରଣ କରିବାରୁ ସମ୍ଭବତଃ ସେମାନେ ଏପରି ପଦକ୍ଷେପ ନେଇଛନ୍ତି।

### ମହାନଦୀକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

# ମାର୍ଚ୍ଚ ୧୪ରେ ପରବର୍ତ୍ତୀ ଶୁଣାଣି



- ବଜେଟ୍ ବିନିଯୋଗରେ ସରକାର ବିଫଳ : ବିରୋଧୀ
- ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ : ଭକ୍ତ ଦାସ
- ସରକାରଙ୍କର ଆନ୍ତରିକତା ନାହିଁ : ନବୀନ

**ଭୁବନେଶ୍ୱର** :ମହାନଦୀ ଜଳବିବାଦକୁ ନେଇ ମହାଭାରତ । ମହାନଦୀ ଟ୍ରିବ୍ୟୁନାଲରେ ଆଜି ଶୁଣାଣିବେଳେ ରାଜ୍ୟର ବରିଷ୍ଠ ଅଫିସର ଓ ଆଡଭୋକେଟ୍ ଜେନେରାଲଙ୍କ ଅନୁପସ୍ଥିତିକୁ ନେଇ ଓଡ଼ିଶା ରାଜନୀତି ସରଗରମ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଡଭୋକେଟ୍ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ମୁହାଁମୁହିଁ ହୋଇଥିବାବେଳେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ବିରୋଧୀ କଂଗ୍ରେସ ଓ ବିଜେଡି । ତେବେ ନବୀନଙ୍କ ଆକ୍ଷେପକୁ 'ନୈରାଶ୍ୟଜନକ ଓ ନିଦରୁ ଉଠି ପ୍ରଳାପ' ବୋଲି ଏଜି ପାଲଟା ଜବାବ ଦେଉଥିବାବେଳେ ସତସାହସ ଥିଲେ ବିଧାନସଭା ଭିତରେ ଓ ବାହାରେ ବିର୍ତକ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆହ୍ୱାନ ଦେଇଛନ୍ତି। ଆଉ ଏସବୁ ମଧ୍ୟରେ ଟ୍ରିବ୍ୟୁନାଲରେ ଶୁଣାଣି ମାର୍ଚ୍ଚ ୧୪ତାରିଖକୁ ନିର୍ଦ୍ଧାରିତ ହୋଇଛି ଓ ଫେବୃଆରୀ ଶେଷ ସପ୍ତାହ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ମହାନଦୀ ଟ୍ରିବ୍ୟୁନାଲର ଏକ ପ୍ରତିନିଧି ଦଳ ମହାନଦୀର ବିଭିନ୍ନ ଅଂଚଳ ବୁଲି କ୍ଷେତ୍ର ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି । ମହାନଦୀ ସମସ୍ୟାର ସମାଧାନ କିଭଳି ହେବ ସେ ନେଇ ଏବେ ରାଜନୀତିକ ଦଳଗୁଡ଼ିକ ମଧ୍ୟରେ ତୀବ୍ର ମତପାର୍ଥକ୍ୟ ଦେଖାଦେଇଛି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଆଜି ପର୍ଯ୍ୟନ୍ତ କୌଣସି ଜଳ ବିବାଦ ଆପୋଷ ଆଲୋଚନାରେ ସମାଧାନ ହୋଇନାହିଁ, ତେଣୁ ଟ୍ରିବ୍ୟୁନାଲ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉ । ମହାନଦୀ ଟ୍ରିବ୍ୟୁନାଲରେ ପ୍ରତିନିଧିତ୍ୱ ପ୍ରଶ୍ନ । ନବୀନ କହିଲେ ସରକାରଙ୍କ ନାହିଁ ଆନ୍ତରିକତା । ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା କଂଗ୍ରେସ । ବିଧାନସଭାରେ ବିତର୍କ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନ । ମହାନଦୀ ଜଳ ବିବାଦ ଶୁଣାଣିରେ ବ୍ୟାକଫୁଟରେ ରାଜ୍ୟ ସରକାର । ଟ୍ରିବ୍ୟୁନାଲରେ ମହାନଦୀ ବିବାଦର ଶୁଣାଣି ପ୍ରସଙ୍ଗ। ୫୦ତମ ଶୁଣାଣିରେ ଓଡ଼ିଶାରୁ କୌଣସି ଉଚ୍ଚପଦସ୍ଥ ଅଧିକାରୀ କିମ୍ବା ବଡ ଓକିଲ କଲେ ନାହିଁ ପ୍ରତିନିଧିତ୍ୱ। ଏହାକୁ ନେଇ ବିଜେପିକୁ ଘେରିଛି ବିଜେଡି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ପ୍ରସସଙ୍ଗରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବା ସହ କଡା ସମାଲୋଚନା କରିଛନ୍ତି । ଆଜିର ଶୁଣାଣିରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ଜେନେରାଲ୍ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏମିତି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ରହିଲା, ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ? ଟ୍ରିବ୍ୟୁନାଲର ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ଓଡ଼ିଶାବାସୀଙ୍କୁ ମିଳିଲା କ'ଣ ବୋଲି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ନବୀନ । ନବୀନ ଅଭିଯୋଗ କରିଛନ୍ତି ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଶା ବିଜେପି ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉ ନାହାନ୍ତି। ଖାଲି କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଆମ ମା', ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜୁ ଜନତା ଦଳର ଲଢ଼େଇ ଆହୁରି ଜୋରଦାର କରିବ।

ମହାନଦୀ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ପିସିସି ସଭାପତି ଦାବି କରିଛନ୍ତି । ଟ୍ରିପଲ ଇଂଜିନ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବା କଥା । ହେଲେ ତାହା ହେଉନାହିଁ। ବିଜେପି ସରକାର ଜଳ ବିବାଦର ସମାଧାନ ଚାହୁଁନାହିଁ । ସେପଟେ ବିଧାନସଭା ଭିତରେ ମହାନଦୀ ପ୍ରସଙ୍ଗରେ ବିତର୍କ ପାଇଁ ପୁଣି ଆହ୍ୱାନ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିଜେପି ସରକାର ବାରମ୍ବାର ଆପୋସ ସମାଧାନ କଥା କହୁଛି । ୧୯ ମାସ ହେବ ଛତିଶଗଡ଼ ସରକାର ଅନେକ ଡ୍ୟାମ ଓ ବାଲିବନ୍ଧ ନିର୍ମାଣ କରୁଛନ୍ତି । ସରକାରଙ୍କ ଦ୍ୱାରା ଗଠିତ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଘୋଷଣା ପରେ ବି ଗସ୍ତ କରିନାହିଁ । ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ ।




ମେଷ: ରବି ଓ ସୋମବାର ପ୍ରେମିକା ସହିତ ଲାଗି ରହିଥିବା ମନାନ୍ତର ଦୂର ହେବ। ମଙ୍ଗଳ ବୁଧ ଓ ଗୁରୁବାର ଧନଲାଭର ନୂଆ ମଉକା ପାଇବେ। ଶୁକ୍ର ଓ ଶନିବାର ରାଜନେତାଙ୍କ ଦ୍ୱାରା ଲାଭ ପାଇବେ।

ବୃଷ: ରବି ଓ ସେମାବାର ଭାଗ୍ୟ ବଦଳାଇବା ପାଇଁ ଅବସର ପାଇବେ। ମଙ୍ଗଳ ବୁଧ ଓ ଗୁରୁବାର ବୁଦ୍ଧିମତ୍ତାରେ ବିରୋଧୀମାନଙ୍କୁ ଦୂରରେ ରଖିବେ। ଶୁକ୍ର ଓ ଶନିବାର ଆର୍ଥିକ ହାନି ହୋଇପାରେ।

ମିଥୁନ: ରବି ଓ ସୋମବାର ଶିକ୍ଷା ଓ କଳା ସଂପର୍କିତ କାର୍ଯ୍ୟରେ ପ୍ରଗତି ହେବ। ମଙ୍ଗଳ ବୁଧ ଓ ଗୁରୁବାର ଅଯଥା କଥା ଠୁ ଦୂରରେ ରୁହନ୍ତୁ। ଶୁକ୍ର ଓ ଶନିବାର ସରକାରୀ କର୍ମଚାରୀଙ୍କ ସହଯୋଗ ପାଇବେ।

କର୍କଟ: ରବି ଓ ସୋମବାର ପରିବାର ବିବଦ ଠାରୁ ଦୂରରେ ରୁହନ୍ତୁ। ମଙ୍ଗଳ ବୁଧ ଓ ଗୁରୁବାର ଗୀତ ସଙ୍ଗୀତରେ ରୁଚି ବଢ଼ିବ। ଶୁକ୍ର ଓ ଶନିବାର କ୍ୟାରିୟର ସମ୍ବନ୍ଧରେ ଭଲ ସୁଯୋଗ ପାଇବେ।

ସିଂହ: ରବି ଓ ସୋମବାର ସାହିତ୍ୟ କିମ୍ବା କବିତା ଲେଖି ପାରନ୍ତି। ମଙ୍ଗଳ ବୁଧ ଓ ଗୁରୁବାର ଅନ୍ତରଙ୍ଗ ବନ୍ଧୁ ଠାରୁ ସାହାଯ୍ୟ ମିଳିବାର ସମ୍ଭାବନା। ଶୁକ୍ର ଓ ଶନିବାର ଆଗକୁ ବଢ଼ିବା ପାଇଁ କିଛି ନୂଆ ଭାବିବେ।

କନ୍ୟା: ରବି ଓ ସୋମବାର କୌଣସ ନୂଆ ଚୁକ୍ତିବଦ୍ଧ କାର୍ଯ୍ୟ ହାତକୁ ଆସିବ। ମଙ୍ଗଳ ବୁଧ ଓ ଗୁରୁବାର କିଚଇ ଭଲ ଲୋକଙ୍କ ସହିତ ସାକ୍ଷାତ ହେବ। ଶୁକ୍ର ଓ ଶନିବାର ଅଫିସରେ ନୂଆ କାମ ମିଳିପାରେ।

ତୁଳା:-ରବି ଓ ସୋମବାର ନୂଆ କାର୍ଯ୍ୟରେ ସଫଳତା ପାଇବେ। ମଙ୍ଗଳ ବୁଧ ଓ ଗୁରୁବାର ଛାତ୍ରଛାତ୍ରୀ ଶିକ୍ଷକଙ୍କ ସହଯୋଗ ପାଇବେ। ଶୁକ୍ର ଓ ଶନିବାର ଜୀବନର ଉନ୍ନତି ଲାଗି ନୂଆ ରାସ୍ତା ଖୋଲିବ।

ବିଛା: ରବି ଓ ସୋମବାର ଅଜଣା ବ୍ୟକ୍ତଙ୍କ ଉପରେ ବିଶ୍ୱାସ କରନ୍ତୁନାହିଁ। ମଙ୍ଗଳ ବୁଧ ଓ ଗୁରୁବାର ଦାମ୍ପତ୍ୟ ଜୀବନ ପ୍ରୀତିମୟ ହେବ। ଶୁକ୍ର ଓ ଶନିବାର ଅର୍ଥ ନେବା ଦେବାରେ ସାବଧାନତା ଅବଲମ୍ବନ କରନ୍ତୁ।

ଧନୁ: ରବି ଓ ସୋମବାର ପାରିବାରିକ ଜୀବନ ସୁଖଦ ରହିବ। ମଙ୍ଗଳ ବୁଧ ଓ ଗୁରୁବାର ଅତ୍ୟଧିକ ଆତ୍ମବିଶ୍ୱାସ ହାନିକାରକ ହୋଇପାରେ। ଶୁକ୍ର ଓ ଶନିବାର ନୂଆ ଲୋକଙ୍କ ସହିତ ମିଶନ୍ତୁ ଲାଭ ପାଇବେ।

ମକର: ରବି ଓ ସୋମବାର ଚାକିରି ବ୍ୟବସାୟରେ ପ୍ରଗତି ହେବ। ମଙ୍ଗଳ ବୁଧ ଓ ଗୁରୁବାର ଧାର୍ମିକ କାର୍ଯ୍ୟ କରିବାର ସୁଯୋଗ ପାଇବେ। ଶୁକ୍ର ଓ ଶନିବାର ଅପବ୍ୟୟ ଉପରେ ନିୟନ୍ତ୍ରଣ ରଖନ୍ତୁ।

କୁମ୍ଭ: ରବି ଓ ସୋମବାର ଅଫିସରେ ପ୍ରଦର୍ଶନ ପ୍ରଶଂସନୀୟ ହେବ। ମଙ୍ଗଳ ବୁଧ ଓ ଗୁରୁବାର ଛାତ୍ରଛାତ୍ରୀ ଭବିଷ୍ୟତ ଲାଗି ଯୋଜନା କରିବେ। ଶୁକ୍ର ଓ ଶନିବାର ରାଜନୀତିକ ଲୋକଙ୍କ ଲାଗି ସମୟ ଭଲ।

ମୀନ: ରବି ଓ ସୋମବାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ। ମଙ୍ଗଳ ବୁଧ ଓ ଗୁରୁବାର ସାମାଜିକ କାର୍ଯ୍ୟରେ ସହଯୋଗ ଦିଅନ୍ତୁ ସମ୍ମାନ ବଢ଼ିବ। ଶୁକ୍ର ଓ ଶନିବାର ପାରିବରିକ ସମ୍ବନ୍ଧ ମଜଭୁତ ହେବ।

## ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ

**ଭୁବନେଶ୍ୱର** : : ରାଜ୍ୟରେ ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ଅବକାରୀ ଆଇନ। ପ୍ରକ୍ରିୟା ଶେଷ ହେବା ପରେ ଅବକାରୀ ଆଇନ ଅନୁପାଳନ କରାଯିବ। ଏନେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ ଜୋରଦାର ହେବ। ଅବୈଧ ନିଶା କାରବାର ରୋକିବା ପାଇଁ ବି ପଦକ୍ଷେପ ନିଆଯିବ। ଚଢ଼ାଉ ବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍ ବଡି କ୍ୟାମେରା ପିନ୍ଧିବେ। ଏହାଦ୍ୱାରା କୋର୍ଟରେ ଭିଡିଓ ପ୍ରମାଣ ଦେଇପାରିବେ ତଦନ୍ତକାରୀ ଅଫିସର। ପ୍ରମାଣ ଅଭାବରୁ ଆଉ ଅଭିଯୁକ୍ତ ଆଉ ଖସି ପାରିବେନି ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହିତ ଅବକାରୀ କର୍ମଚାରୀ ଓ ଅଫିସରଙ୍କୁ ସଶସ୍ତ୍ର ବାହିନୀ କରିବାକୁ ପ୍ରକ୍ରିୟା ଚାଲିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।





ଚତୁର୍ଥୀ ରାତି ପରଦିନ 'ହିମୁ' ସେଇ ବିଉଟି ପାର୍ଲରକୁ ଗଲା ଯୋଉଠି ତା ସ୍ତ୍ରୀ 'ମୋନା' ବାହାଘର ପୂର୍ବରୁ ମେକ୍‌ଅପ୍ କରେଇଥିଲା।

'ହିମୁ' ବିଉଟି ପାର୍ଲର ବାଲି ମ୍ୟାଡାମ୍‌କୁ ଗୋଟେ I phone-7 ଗିଫ୍ଟ ଦେଇ ଧନ୍ୟବାଦ କହି ଚାଲିଆସିଲା।

ମ୍ୟାଡାମ୍ ଖୁସି ଖୁସି I phone ର ଡବା ଖୋଲିଲା ସେଥିରେ Nokia-1100 ଫୋନ୍ ଓ ଗୋଟେ ଚିଠିଟିଏ ଥିଲା।

ଚିଠିରେ ଲେଖାଥିଲା...

ମେକ୍‌ଅପ୍ କାଢିବା ପରେ ମୋତେ ଭି ଏମିତି ଝଟ୍‌କା ଲାଗିଥିଲା।


**ସଂଗୃହୀତ : ଜ୍ୟୋତିରଞ୍ଜନ ମହାନ୍ତି**

## ପ୍ରଥମ ପୃଷ୍ଠାରୁ...

**ଭାରତ ବିଶ୍ୱବିଜୟୀ :** ସୂର୍ଯ୍ୟବଂଶୀ ଆଜି ଫାଇନାଲରେ ୧୫ଟି ଛକା ମାରିଥିବା ବେଳେ ଏହା ଏକ ରେକର୍ଡ। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଯେକୌଣସି ମ୍ୟାଚ୍‌ରେ ଏତେ ସଂଖ୍ୟକ ଛକା ମାରିବାରେ ସୂର୍ଯ୍ୟବଂଶୀ ସର୍ବାଗ୍ରେ ରହିଛନ୍ତି। ପୂର୍ବରୁ ୨୦୦୮ରେ ଅଷ୍ଟ୍ରେଲିଆର ମାଇକେଲ ହିଲ ନାମିବ୍ୟା ବିରୋଧରେ ଏକ ମ୍ୟାଚ୍‌ରେ ୧୨ଟି ଛକା ମାରିଥିଲେ। ସୂର୍ଯ୍ୟବଂଶୀ ୧୭୫ ରନ୍ କରିଥିବା ବେଳେ ଅଧିନାୟକ ଆୟୁଷ ମହାତ୍ରେ ୫୧ଟି ବଲ୍‌ରୁ ୫୩ ରନ୍ କରିଥିବା ବେଳେ ବେଦାନ୍ତ ତ୍ରିବେଦୀ ୩୨, ବିହାନ ମଲହୋତ୍ରା ୩୦, ଅଭିଜ୍ଞ କୁଣ୍ଡୁ ୪୦, ଆରଏସ ଆମ୍ବ୍ରିଶ ୧୮ ରନ୍ କରିଥିବା ବେଳେ କନିଷ୍କ ଚୌହାନ ୩୭ ରନ୍ କରି ନଟ୍‌ଆଉଟ୍ ରହିଥିଲେ। ଖିଲନ ପଟେଲ ଓ ହେନୀଲ ପଟେଲ ଯଥାକ୍ରମେ ୩ ଓ ୫ ରନ୍ କରିଥିଲେ। ଭାରତକୁ ପ୍ରଥମ ଝଟକା ଚତୁର୍ଥ ଓଭରରେ ଲାଗିଥିଲା। ଆଉଟ୍ ହୋଇଯାଇଥିଲେ ଓପନର ଆରୋନ ଜର୍ଜ। ସେ ମାତ୍ର ୯ ରନ୍ କରିଥିଲେ। କିନ୍ତୁ ଭାରତକୁ କିଛି ଫରକ ପଡ଼ି ନଥିଲା। ସୂର୍ଯ୍ୟବଂଶୀ ବହୁତ ଶୀଘ୍ର ସେଟେଲ ହୋଇଯାଇଥିଲେ। ସେ ଧୂଆଁଧାର ବ୍ୟାଟିଂ କରିଥିଲେ। ୨୫.୩ ଓଭରରେ ସେ ଆଉଟ୍ ହେଲା ବେଳକୁ ଦଳର ସ୍କୋର ୨୫୧ରେ ପହଞ୍ଚି ଯାଇଥିଲା। ଇଂଲଣ୍ଡ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ମ୍ୟାନୀ ଲମସନଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିବା ବେଳେ ଜେମ୍‌ସ ମିଣ୍ଟୋଙ୍କୁ ୩ଟି ୱିକେଟ୍ ମିଳିଛି। ଆଉ ଆଲବର୍ଟ ଗୋଟିଏ ୱିକେଟ୍ ପାଇଛନ୍ତି।

**ଓଡ଼ିଶା ଭିଜନ :** ୮୦ଟି ପ୍ରକଳ୍ପ ଓ ୩୦ଟି ଢାଞ୍ଚାଗତ ନୀତିକୁ ନେଇ ଯୋଜନା ପ୍ରସ୍ତୁତ ହୋଇଛି। ୨୦୨୫ରେ ରାଜ୍ୟର ଜିଡିପିକୁ ଏହି ୪ଟି ଅଞ୍ଚଳର ଅବଦାନ ୧୯ ପ୍ରତିଶତ, ୨୨.୩୮ ବିଲିଅନ ଡଲାର ରହିଛି। ୨୦୪୭ ସୁଦ୍ଧା ଏହି ଅଞ୍ଚଳର ଅବଦାନ ୧୫ ଗୁଣା ବୃଦ୍ଧି କରିବାକୁ ଲକ୍ଷ୍ୟ ରହିଛି। ଅର୍ଥାତ ୫୦୦ ବିଲିଅନ ଡଲାରକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅର୍ଥନୈତିକ ଦୃଷ୍ଟିରୁ ଓଡ଼ିଶା ୫ ନମ୍ବରରେ ରହିବ। ବହୁତ୍ ସ୍ପିଡରେ କାର୍ଯ୍ୟ କରିବା। ପ୍ରତ୍ୟେକଟି ଯୋଜନାକୁ ସହରର ବିକାଶ ସହ ଯୋଡିବା, ନଚେତ୍ କିଛି ମୂଲ୍ୟ ରହିବ ନାହିଁ। ପାରାଦୀପକୁ ଆଉ କେହି ଛୁଇଁ ପାରିବେ ନାହିଁ। ସମସ୍ତଙ୍କୁ ପଛରେ ପକାଇ ଆମେ ଆଗକୁ ବଢୁଛେ। ହାଇଦ୍ରାବାଦ ପରି ଭୁବନେଶ୍ୱର ମଧ୍ୟ ଦୌଡ଼ିବ। ରାଜ୍ୟକୁ ଗ୍ରାମାଞ୍ଚଳରୁ ୨୦ପ୍ରତିଶତ ଅର୍ଥ ଆସୁଛି। ଆମ ବଜେଟ୍ ପ୍ରସ୍ତୁତ ହେଉଛି। କେନ୍ଦ୍ର ବଜେଟ ନେଇ ଆସିଛନ୍ତି। ନୀତି ଆୟୋଗ ଓଡ଼ିଶାକୁ ବହୁତ ସୁଯୋଗ ଦେଇ ସହଯୋଗ କରିଛନ୍ତି।

**କ୍ୟାନସର :** ରାଜ୍ୟରେ କ୍ୟାନସର ସଚେତନତା ପାଇଁ ଚାଲିଥିବା ତମାମ୍ କାର୍ଯ୍ୟକ୍ରମ କେବଳ ରାଜଧାନୀ କିମ୍ବା ବଡ଼ ବଡ଼ ସହରରେ ସୀମିତ ରହୁଛି। ଗାଁ ଗହଳିରେ ଲୋକମାନେ ବେଳ ଥାଉ ଥାଉ କେମିତି କର୍କଟ ହୋଇଥିବା ସନ୍ଦେହ କରି ଡାକ୍ତରଙ୍କ ପରାମର୍ଶ ନେବେ, ସେ ଦିଗରେ ସଚେତନ ହେଉନାହାନ୍ତି । ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ କ୍ୟାନସର ସଚେତନତା ସୃଷ୍ଟି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ତାଲିମ ଦେଉଛନ୍ତି ସରକାର । କର୍କଟ ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ଦୁର୍ବଳ ଭିତ୍ତିଭୂମି କ୍ୟାନସର ଲଢ଼େଇରେ ବାଧକ ସୃଷ୍ଟି କରୁଛି ।




ଡ଼ଃ ବ୍ୟୋମକେଶ କାନୁନଗୋ
(ମୁଖ୍ୟ ସମ୍ପାଦକ)

# ବିଶ୍ୱଯୁଦ୍ଧର ବାତାବରଣ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀରେ ଶାନ୍ତି ସ୍ଥାପନ ନିମନ୍ତେ ଜାତିସଂଘ ଗଠନ କରାଯାଇଥିଲା। ହେଲେ ବିଭିନ୍ନ ଦେଶ ଭିତରେ ବାରମ୍ବାର ଯୁଦ୍ଧ, ସଂଘର୍ଷ ଦେଖାଦେଉଥିଲେ ମଧ୍ୟ ଜାତିସଂଘ ଏବେ କେବଳ ଏକ ଦନ୍ତହୀନ ସଙ୍ଗଠନ ଭାବେ ରହିଛି। ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଦୀର୍ଘ ବର୍ଷ ଧରି ଚାଲିଥିଲେ ମଧ୍ୟ ତାହାର ସମାଧାନର ସୂତ୍ର ବାହାରି ପାରୁନାହିଁ। ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଗାଜା ଶାନ୍ତି ପ୍ରସ୍ତାବ ମାଧ୍ୟମରେ ଇସ୍ରାଏଲ-ହମାସ ସଂଘର୍ଷକୁ ବନ୍ଦ କରିଦେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଗାଜାର ପୁନରୁଦ୍ଧାର ଓ ବିକାଶ ଲାଗି ଟ୍ରମ୍ପ୍ ଙ୍କ ଦ୍ୱାରା 'ବୋର୍ଡ ଅଫ୍ ପିସ୍' ନାମକ ସଙ୍ଗଠନର ପରିକଳ୍ପନା କରାଯାଇଥିଲା। ବିଶ୍ୱରେ ଯୁଦ୍ଧର ପରିସର ବୃଦ୍ଧି ପାଉଥିବା ଲକ୍ଷ୍ୟ କରିବା ପରେ ଟ୍ରମ୍ପ୍ ଏହାକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଜାତିସଂଘର ବିକଳ୍ପ ଭାବେ ଏହା ଉଭା ହେବା ଓ ସେଥିପ୍ରତି ଅନ୍ୟ ଦେଶଗୁଡ଼ିକର ସମର୍ଥନ ମିଳିବା ଭୂରାଜନୈତିକ ସ୍ଥିତିରେ ନୂଆ ସମୀକରଣ ଆଣିବ ବୋଲି କୁହାଗଲାଣି। ଟ୍ରମ୍ପ୍ ଏହି ଶାନ୍ତି ବୋର୍ଡରେ ଆଜୀବନ ସଦସ୍ୟ ରହିଛନ୍ତି। କହିବାକୁ ଗଲେ ଏହା କର୍ପୋରେଟ୍ ଶୈଳୀରେ ଗଢ଼ାଯାଇଥିବା ଏକ ସଙ୍ଗଠନ। ଏଥିରେ ସ୍ଥାୟୀ ସଦସ୍ୟ ହେବା ପାଇଁ ୧ ବିଲିୟନ ଆମେରିକୀୟ ଡଲାର ଦେବାର ବ୍ୟବସ୍ଥା କରାଯାଇଛି। ଜାତିସଂଘ ଢାଞ୍ଚାରେ ଅସ୍ଥାୟୀ ସଦସ୍ୟ ରହିବା ଓ ତାହାର ଅବଧି ୩ ବର୍ଷ ରଖାଯାଇଛି। ଶାନ୍ତି ବୋର୍ଡରେ ସାମିଲ ହେବା ପାଇଁ ଟ୍ରମ୍ପ୍ ତାଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଭାରତକୁ ନିମନ୍ତ୍ରଣ କରିଥିଲେ। ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଭାରତ ମିଶିବ କି ନାହିଁ ସେନେଇ ନିଷ୍ପତ୍ତି ନେବାରେ ଅସଫଳ ହେଲା। ଏହାପରେ ଟ୍ରମ୍ପ୍ ତାଙ୍କ ତରଫରୁ ପାକିସ୍ତାନ ଓ ଅନ୍ୟ କେତେକ ଦେଶକୁ ନିମନ୍ତ୍ରଣ ପଠାଇଲେ, ଯାହାକୁ ଇସ୍ରାଏଲ ସମେତ ଅନ୍ୟସବୁ ଦେଶ ଅତି ଆଗ୍ରହର ସହିତ ସ୍ୱୀକାର କରିଛନ୍ତି। ଏଥିରେ ରୁଷିଆ ଓ ଚାଇନା ଏପର୍ଯ୍ୟନ୍ତ ଯୋଗ ଦେଇନାହାନ୍ତି। ସେହିପରି ନରୱେ, ସୁଇଡେନ୍, ଡେନ୍ ମାର୍କ, ଇଟାଲି ସେଥିରେ ଯୋଗଦେବାକୁ ମନା କରିଦେଇଥିବା ବେଳେ ବ୍ରିଟେନ, ଜର୍ମାନୀ ଓ ଜାପାନ ସେମାନଙ୍କ ମତ ଦେଇନାହାନ୍ତି। ଭାରତ ଦୃଷ୍ଟିକୋଣରୁ ବିଚାର କଲେ 'ବୋର୍ଡ ଅଫ୍ ପିସ୍ 'ରେ ଯୋଗଦେବାକୁ ନିମନ୍ତ୍ରଣ ମିଳିଥିଲେ ମଧ୍ୟ ନୂଆଦିଲ୍ଲୀ କୌଣସି ଉତ୍ତର ନ ଦେବା ତା' ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏମିତି ଦେଖିଲେ ଭାରତ ତା'ର ସବୁ ପଡ଼ୋଶୀ ଦେଶ ସହ ଅପଡ଼ରେ ରହିଛି। ଟ୍ରମ୍ପ୍ ଙ୍କ ଟାରିଫ୍ ମାଡ଼ ଭାରତର ଅର୍ଥନୀତିକୁ ଦୁର୍ବଳ କଲାଣି। ଭାରତର ଅସ୍ଥିର ଅର୍ଥନୀତିକୁ ଦେଖି ଅନେକ ବିଦେଶୀ ନିବେଶକ ଅର୍ଥ ଉଠାଣ କରି ନେଉଥିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହୋଇଚାଲିଛି। ଏଭଳି ସନ୍ଧିକ୍ଷଣରେ ବୋର୍ଡ ଅଫ୍ ପିସ୍ ରେ ଯୋଗଦେବା ଲାଗି ଟ୍ରମ୍ପ୍ ଙ୍କ ନିମନ୍ତ୍ରଣ ଉପରେ ଭାରତ 'ହଁ' ହେଉ ବା 'ନା' କିଛି ବି ନ କହିବା ଏବେ ଆଲୋଚନାର ବିଷୟ ପାଲଟିଛି। ଭାରତର କେତେକ ମହଲ ଗୁଜବ ଉଠାଉଛନ୍ତି ଯେ, 'ବୋର୍ଡ ଅଫ୍ ପିସ୍ 'ରେ ସାମିଲ ହେବା ମାତ୍ରକେ 'କଶ୍ମୀର' ପ୍ରସଙ୍ଗ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାକୁ ଆସିବା ଥୟ। ଏଣୁ ଭାରତ ସରକାର କୌଣସି ବାଟ ପାଉ ନ ଥିବା ଭଳି ମନେହେଉଛି। ଏହାକୁ ଇଂଲିଶରେ ଫେନ୍ସ-ସିଟର ବା ଦୋଦୁଲ୍ୟମାନ ଚିନ୍ତାଧାରା ବୋଲି କୁହାଯାଏ। ସବୁବେଳେ ଏହିଭଳି ନିର୍ଣ୍ଣୟ ନେବାରେ ଅସଫଳତା ଅନ୍ତର୍ଜାତୀୟ ସ୍ତରରେ କ୍ଷତି ଘଟାଇଥାଏ। ବିପଦ ଆସିଲେ କୌଣସି ଦିଗରୁ ସମର୍ଥନ ହାସଲ କରିବା କଷ୍ଟକର। ଖବର ଆସିଛି ଯେ, ଟ୍ରମ୍ପ୍ ଙ୍କ ଟାରିଫ୍ କ୍ରୋଧକୁ ପ୍ରଶମିତ କରିବା ପାଇଁ ରୁଷିଆରୁ କିଣୁଥିବା ତୈଳ ପରିମାଣକୁ ଭାରତ ଏବେ ବିପୁଳ ମାତ୍ରାରେ ହ୍ରାସ କରିଦେଇଛି। ଅର୍ଥାତ୍ ରୁଷିଆ ମଧ୍ୟ ଭବିଷ୍ୟତରେ ଭାରତକୁ ସମର୍ଥନ କରିବ ବୋଲି କହିହେବ ନାହିଁ। 'ବୋର୍ଡ ଅଫ୍ ପିସ୍ 'ରେ ଭାରତ ନିଜକୁ ସାମିଲ ନ କଲେ ମଧ୍ୟ ପାକିସ୍ତାନ ତାହା ନିଜ ତରଫରୁ 'କଶ୍ମୀର' ପ୍ରସଙ୍ଗକୁ ନିଶ୍ଚୟ ଉଠାଇବ। ଏଠାରେ ମନେପଡ଼େ ଅର୍ଗାନାଇଜେଶନ ଅଫ୍ ଇସ୍ ଲାମିକ୍ କୋଅପରେଶନରେ ଜମ୍ମୁ ଓ କଶ୍ମୀରରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଆସୁଛି। ତେଣୁ କୌଣସି ସଙ୍ଗଠନରେ ସଦସ୍ୟ ନ ହେଲେ ଯେ କଶ୍ମୀର ପ୍ରସଙ୍ଗ ଉଠିବ ନାହିଁ ଭାବିବା ଭୁଲ୍ । ଅନ୍ୟପକ୍ଷରେ ସଙ୍ଗଠନ ଭିତରେ ରହି ନିଜର ଯୁକ୍ତି ଉପସ୍ଥାପନ କରିବା ସହଜ ହୋଇଥାଏ। କୁହାଯାଉଛି ଟ୍ରମ୍ପ୍ 'ବୋର୍ଡ ଅଫ୍ ପିସ୍'ର ଅଧ୍ୟକ୍ଷ ହୋଇଥିବାରୁ ସେ ମନଇଚ୍ଛା ନିଷ୍ପତ୍ତି ନେଇପାରନ୍ତି। ସେଠାରେ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ କେବଳ ରବର ଷ୍ଟାମ୍ ହେବେ।

## ଭାରତୀୟ କେନ୍ଦ୍ରୀୟ ବଜେଟ୍ ୨୦୨୬—

# ସମ୍ଭାବନା, ସୁଯୋଗ ଓ ସମାଲୋଚନା

■ ଗୁରୁପ୍ରସାଦ ସାହୁ...

କେନ୍ଦ୍ର ସରକାର ଉପସ୍ଥାପନ କରିଥିବା କେନ୍ଦ୍ରୀୟ ବଜେଟ୍ ୨୦୨୬ ଦେଶର ଆର୍ଥିକ ବୃଦ୍ଧି, ସମାବେଶୀ ଉନ୍ନତି ଓ ଦୀର୍ଘକାଳୀନ ସ୍ଥିରତାକୁ ଲକ୍ଷ୍ୟ କରି ପ୍ରସ୍ତୁତ ହୋଇଛି। ବଜେଟ୍‌ର ସକାରାତ୍ମକ ପକ୍ଷ ଭାବେ ମଧ୍ୟବର୍ଗୀୟ ଓ ଦରମାଜୀବୀ ଶ୍ରେଣୀ ପାଇଁ କର ରିଆୟତ, ଢାଞ୍ଚାଗତ ଉନ୍ନତିରେ ବିନିଯୋଗ ବୃଦ୍ଧି ଏବଂ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ଖାତାରେ ଅଧିକ ଅନୁଦାନକୁ ଗଣାଯାଉଛି। ଏହା ଦ୍ୱାରା ଖର୍ଚ୍ଚ କ୍ଷମତା ବଢ଼ିବା ସହ ରୋଜଗାର ସୃଷ୍ଟିର ଆଶା ଜଗିଛି। କୃଷି ଖାତାରେ ସିଚାଇ, ଗୋଦାମ ଓ କୃଷି ପ୍ରଯୁକ୍ତି ପାଇଁ ବ୍ୟୟ ବୃଦ୍ଧି କରାଯାଇଥିବା ବେଳେ, ଯୁବମାନଙ୍କ ପାଇଁ କୌଶଳ ବିକାଶ, ଷ୍ଟାର୍ଟଅପ୍ ଓ ଏମଏସଏମଇକୁ ପ୍ରୋତ୍ସାହନ ବଜେଟ୍‌ର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ମହିଳା ସଶକ୍ତିକରଣ ଓ ଗ୍ରାମୀଣ ଉନ୍ନତି ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।




ତଥାପି, ବଜେଟ୍‌କୁ ନେଇ କିଛି ନକାରାତ୍ମକ ମତାମତ ମଧ୍ୟ ଆସୁଛି। ମହଙ୍ଗାଇ ନିୟନ୍ତ୍ରଣ ପାଇଁ ସ୍ପଷ୍ଟ ଓ ସିଧାସଳଖ ପଦକ୍ଷେପର ଅଭାବ ଥିବା ନେଇ ସାଧାରଣ ଲୋକ ଓ ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରୁଛନ୍ତି। ଇନ୍ଧନ ଓ ଦୈନିକ ଆବଶ୍ୟକୀୟ ସାମଗ୍ରୀ ଦର କମାଇବା ପାଇଁ କୌଣସି ଠୋସ ଘୋଷଣା ନ ଥିବାରୁ ଗରିବ ଓ ନିମ୍ନ ଆୟ ଶ୍ରେଣୀ କିଛି ହଦ ପର୍ଯ୍ୟନ୍ତ ନିରାଶ ହୋଇଛନ୍ତି। ସମଗ୍ର ଭାବେ, କେନ୍ଦ୍ରୀୟ ବଜେଟ୍ ୨୦୨୬ ଆଶା ଓ ଆଶଙ୍କାର ମିଶ୍ର ପ୍ରତିଛବି ଦେଖାଉଛି। ବଜେଟ୍‌ର ସଫଳତା ଆଗାମୀ ଦିନରେ ତାହାର କାର୍ଯ୍ୟାନ୍ୱୟନ, ମହଙ୍ଗାଇ ନିୟନ୍ତ୍ରଣ ଏବଂ ସାଧାରଣ ଲୋକଙ୍କୁ ସିଧାସଳଖ ଲାଭ ପହଞ୍ଚାଇବାରେ କେତେ ଦୂର ସଫଳ ହୁଏ, ସେଥିରେ ନିର୍ଭର କରିବ। କେନ୍ଦ୍ରୀୟ ବଜେଟ୍ ୨୦୨୬ ଉପସ୍ଥାପନ ପରେ ସାଧାରଣ ଲୋକ ଓ ବିଶେଷକରି ଦରମାଜୀବୀ ଶ୍ରେଣୀ ମଧ୍ୟରେ କିଛି ନିରାଶା ଦେଖାଯାଇଛି। ବଜେଟ୍‌ର ସବୁଠାରୁ ବଡ଼ ନକାରାତ୍ମକ ଦିଗ ହେଲା—ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ ନ ହେବା। ବୃଦ୍ଧିଶୀଳ ମହଙ୍ଗାଇ ମଧ୍ୟରେ କର ରିଆୟତ ଆଶା କରୁଥିବା ମଧ୍ୟବର୍ଗୀୟ ଓ ଦରମାଜୀବୀ ଲୋକମାନେ ଏଥିରୁ ବଞ୍ଚିତ ହୋଇଛନ୍ତି।

ଏହା ସହିତ, ୮ମ ବେତନ ଆୟୋଗ (8th Pay Commission) ସମ୍ପର୍କରେ ବଜେଟ୍‌ରେ କୌଣସି ସ୍ପଷ୍ଟ ଘୋଷଣା ନ ହେବା କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ବର୍ତ୍ତମାନର ଜୀବନଯାପନ ଖର୍ଚ୍ଚ ଦୃଷ୍ଟିରେ ବେତନ ପୁନର୍ନିର୍ଦ୍ଧାରଣ ଆବଶ୍ୟକ ବୋଲି ମତ ରହିଥିଲେ ମଧ୍ୟ, ସରକାର ପକ୍ଷରୁ ଏଥିରେ ନୀରବତା ରହିଛି। ତଦୁପରି, ମହଙ୍ଗାଇ ନିୟନ୍ତ୍ରଣ, ଇନ୍ଧନ ଦର କମାଇବା ଓ ଦୈନିକ ଆବଶ୍ୟକୀୟ ସାମଗ୍ରୀ ଉପରେ କର ହ୍ରାସ ଭଳି ବିଷୟରେ ସ୍ପଷ୍ଟ ପଦକ୍ଷେପ ନ ଥିବାକୁ ନେଇ ବଜେଟ୍ ଆଲୋଚନାର ସମ୍ମୁଖୀନ ହେଉଛି। ସମଗ୍ର ଭାବେ, ବଜେଟ୍ ୨୦୨୬ କିଛି ଖାତାରେ ଆଶା ଜଗାଇଥିବା ବେଳେ, ଦରମାଜୀବୀ ଓ କରଦାତାଙ୍କ ଆଶା ପୂରଣ କରିପାରିନଥିବା ମତ ପ୍ରକାଶ ପାଉଛି। ଗୁରୁତ୍ୱପୂର୍ଣ୍ଣ କର ପ୍ରସ୍ତାବଗୁଡ଼ିକ ଯଥା : ସହଜତା, କଠୋରତା ଓ ସୁଧାରର ମିଶ୍ର ଚିତ୍ର। କେନ୍ଦ୍ରୀୟ ବଜେଟ୍ ୨୦୨୬ରେ କର ବ୍ୟବସ୍ଥାକୁ ସରଳ, ଡିଜିଟାଲ୍ ଓ ବିବାଦମୁକ୍ତ କରିବା ଉଦ୍ଦେଶ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପ୍ରସ୍ତାବ ହୋଇଛି। ଏହି ବଜେଟ୍‌ରେ ଟିଡିଏସ୍ (TDS), ଟିସିଏସ୍ (TCS), ଜରିମାନା, ମକଦମା ଓ ରିଟର୍ନ ଫାଇଲିଂ ସମ୍ବନ୍ଧୀୟ ନିୟମଗୁଡ଼ିକୁ ପୁନର୍ଗଠନ କରାଯାଇଛି। ବଡ଼ ପରିବର୍ତ୍ତନ ମଧ୍ୟରେ ଅଡିଟ୍ ରିପୋର୍ଟ ଦେରୀରେ ଦାଖଲ କଲେ ଜରିମାନା ବ୍ୟବସ୍ଥା ଆଣାଯାଇଛି, ଯାହା ଦାୟିତ୍ୱବୋଧ ବଢ଼ାଇବ। ବୃଦ୍ଧ ନାଗରିକଙ୍କ ପାଇଁ ସୁଧ ଉପରେ TDS ସୀମା ଟ.୫୦,୦୦୦ରୁ ଟ.୧,୦୦,୦୦୦ କରାଯାଇଥିବା ବେଳେ, ଭଡା ଉପରେ TDS ସୀମା ଟ.୨.୪ ଲକ୍ଷରୁ ଟ.୬ ଲକ୍ଷ କରାଯାଇଛି, ଯାହା ସାଧାରଣ କରଦାତାଙ୍କ ପାଇଁ ରାହାତ। ବିଦେଶ ରେମିଟାନ୍ସ ଉପରେ TCS ସୀମା ଟ.୭ ଲକ୍ଷରୁ ଟ.୧୦ ଲକ୍ଷ କରାଯାଇଛି ଓ ଶିକ୍ଷା ଓ ଚିକିତ୍ସା ଉଦ୍ଦେଶ୍ୟରେ TCS ହାର କମାଯାଇଛି। ଓଭରସିଜ୍ ଟୁର୍ ଉପରେ TCS ୨% କରାଯାଇଥିବା ବେଳେ, ସାମଗ୍ରୀ ବିକ୍ରୟ ଉପରେ TCS ପୂରାପୂରି ହଟାଯାଇଛି। ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ରଜିଷ୍ଟ୍ରେସନ୍ ସମୟସୀମା ୨୦୩୦ ପର୍ଯ୍ୟନ୍ତ ବଢ଼ାଯାଇଛି। ରିଟର୍ନ ଫାଇଲିଂରେ ସହଜତା ଆଣିବା ପାଇଁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସମୟ ଓ ରିଭାଇଜ୍ଡ ରିଟର୍ନ ପାଇଁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଛି।


ଦଣ୍ଡ ଓ ମକଦମା ସମ୍ବନ୍ଧୀୟ ନିୟମରେ ବଡ଼ ସୁଧାର ଆଣାଯାଇଛି। ଛୋଟ କର ରାଶି ମାମଲାରେ ଜେଲ୍ ବଦଳରେ ଜରିମାନା, କଠୋର କାରାଦଣ୍ଡକୁ ସରଳ କାରାଦଣ୍ଡରେ ପରିବର୍ତ୍ତନ ଓ ଅନେକ ମାମଲାରେ ପ୍ରସିକ୍ୟୁସନ୍ ବିଲୋପ କରାଯାଇଛି, ଯାହା 'ଭୟମୁକ୍ତ କର ବ୍ୟବସ୍ଥା' ଦିଗରେ ଏକ ପଦକ୍ଷେପ।

ଏହା ସହିତ ମୋଟର ଦୁର୍ଘଟଣା କ୍ଷତିପୂରଣ, ଭୂମି ଅଧିଗ୍ରହଣ ମୁଆଜା, ସେନାଙ୍କ ଡିସେବିଲିଟି ପେନ୍ସନ୍ ଭଳି କ୍ଷେତ୍ରରେ କର ଛାଡ଼ ଦେଇ ସାମାଜିକ ନ୍ୟାୟକୁ ଗୁରୁତ୍ୱ ଦିଆଯାଇଛି। ସମଗ୍ର ଭାବେ, ବଜେଟ୍ ୨୦୨୬ର କର ପ୍ରସ୍ତାବଗୁଡ଼ିକ ଏକ ପକ୍ଷରେ କର ପାଳନକୁ କଠୋର କରୁଥିବା ବେଳେ, ଅନ୍ୟ ପକ୍ଷରେ ସହଜତା, ଡିଜିଟାଲିକରଣ ଓ ବିବାଦ କମାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସୁଧାର ଭାବେ ଦେଖାଯାଉଛି।

# ଦେଶରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ

■ ସୌଭାଗ୍ୟ ରଂଜନ ମହାନ୍ତି...

ଦେଶରେ କର୍କଟ ରୋଗ ନେଇ ଆନ୍ତର୍ଜାତିକ କ୍ୟାନସର କେୟାର ଓବଜେରଭାଟୋରୀ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ, ଏଥିରେ ସନ୍ଦେହ ନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଭାରତର ବିଶ୍ୱରେ ତୃତୀୟ ସର୍ବାଧିକ ରୋଗୀ ଅଛନ୍ତି। ଦେଶରେ ଗତ ୨୦୨୨ରେ କର୍କଟ ମୃତ୍ୟୁ ଏବଂ ଆକ୍ରାନ୍ତଙ୍କ ହାର ୬୪.୪୭ ପ୍ରତିଶତ ଥିଲା। ଯାହାକି ବିଶ୍ୱର ସର୍ବାଧିକ କର୍କଟ ଆକ୍ରାନ୍ତ ୧୦ଟି ରାଷ୍ଟ୍ର ମଧ୍ୟରେ ସର୍ବାଧିକ। ସେହିପରି ଗତ ୨୦୨୩ରେ ଦେଶରେ ୧୪ଲକ୍ଷରୁ ଉର୍ଦ୍ଧ୍ୱ କର୍କଟ ଆକ୍ରାନ୍ତ ଠାବ କରାଯାଇଥିଲା ବୋଲି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଥିଲା। କିନ୍ତୁ ଏହାଠାରୁ ପ୍ରକୃତରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ୧.୫ରୁ ୩ଗୁଣ ଅଧିକ ହେବା ନେଇ ବିଶାରଦମାନେ ମନେ କରନ୍ତି। ଦେଶରେ ଗର୍ଭାଶୟ, ସ୍ତନ ଓ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ଏହା ହେଉଛି ମୋଟ ଆକ୍ରାନ୍ତଙ୍କ ଏକ ତୃତୀୟାଂଶ ବୋଲି କୁହାଯାଇଛି। ଏହା ସତ୍ୟ ଯେ, କର୍କଟ ଏକ ମାରାତ୍ମକ ରୋଗ। ଏହି ରୋଗରେ ଆକ୍ରାନ୍ତଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇପାରିଲେ, ଏହା ଆରୋଗ୍ୟସାଧ। କିନ୍ତୁ ଦ୍ୱିତୀୟ କିମ୍ବା ଅନ୍ତିମ ପର୍ଯ୍ୟାୟରେ ରୋଗୀଙ୍କୁ ଚିହ୍ନଟ କରାଗଲେ, ଏହା କେବଳ ବ୍ୟୟବହୁଳ ହୋଇନଥାଏ, ରୋଗୀଙ୍କୁ ବଂଚାଇବା ଆଶାକ୍ଷୀଣ। ଦେଶରେ କର୍କଟ ରୋଗୀଙ୍କୁ ଚିହ୍ନଟ ଏବଂ ଏହା ଚିକିତ୍ସା ପାଇଁ ଗତ ପାଂଚ ଦଶନ୍ଧି ଧରି ଜାତୀୟ ହେଲଥ୍‌କେୟାର ପ୍ରୋଗ୍ରାମରେ 'କର୍କଟ' ଅଂଶ ବିଶେଷ ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୮୦ ମସିହା ପ୍ରାରମ୍ଭରେ ଇଣ୍ଡିଆନ କାଉନ୍‌ସିଲ ଅଫ ମେଡିକାଲ ରିସର୍ଚ୍ଚରେ କ୍ୟାନସର ପଂଜୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ସତ୍ତ୍ୱେ କର୍କଟ ଏକ ମାରାତ୍ମକ ଅସାଧ ରୋଗ ଭାବେ ଉଭା ହୋଇଛି। ଦେଶର ବିଭିନ୍ନ ପ୍ରମୁଖ୍ୟ ମଡିକାଲ ଇନ୍‌ଷ୍ଟିଚ୍ୟୁଟରେ କ୍ୟାନସର ରିସର୍ଚ୍ଚମାନଙ୍କ ଦ୍ୱାରା ୪୩ପ୍ରତିଶତ ରୋଗୀଙ୍କୁ ଚିହ୍ନଟ କରାଯାଇଥାଏ। ଯାହାକି ବିଭିନ୍ନ ପ୍ରକାରର କର୍କଟ ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ ଯୋଗାଇଥାଏ। କିନ୍ତୁ ଏହା ନିସନ୍ଦେହ ଯେ, ଆମ ଦେଶରେ ୧୯୮୦ ଦଶକରୁ କର୍କଟ କେୟାର ପ୍ରୋଗ୍ରାମ ଆରମ୍ଭ ହୋଇଥିବା ସତ୍ତ୍ୱେ ଏବେ ଚିହ୍ନଟ ପ୍ରକ୍ରୀୟା ବିଶ୍ୱରେ ନିମ୍ନସ୍ତରରେ ରହିଛି। ଏହି ଅସାଧ ରୋଗର ବିଳମ୍ବିତ ଚିହ୍ନଟ ଫଳରେ ଚିକିତ୍ସା ସେବା ଏବେ ବି ଦେଶରେ ସବୁଠାରୁ ବଡ ଚ୍ୟାଲେଞ୍ଜ ହୋଇରହିଛି। ଦେଶରେ କର୍କଟ ବିଶେଷଜ୍ଞ ସଂଖ୍ୟା ବହୁତ କମ ରହିଛି। ଆବଶ୍ୟକତା ଠାରୁ ୨୦୦୦ କମ୍ କର୍କଟ ବିଶେଷଜ୍ଞ ଥିବା କୁହାଯାଏ। ଦେଶରେ କର୍କଟ ଆକ୍ରାନ୍ତଙ୍କ ମଧ୍ୟରେ ମହିଳାଙ୍କ ହାର ସର୍ବାଧିକ ୫୧ପ୍ରତିଶତ ରହିଥିବା ପଂଜୀକୃତ ରୋଗୀ ତାଲିକା ସୂଚନା ଦିଏ। ସେମାନଙ୍କ ମଧ୍ୟରେ ସ୍ତନ ଓ ଗର୍ଭାଶୟ ଆକ୍ରାନ୍ତଙ୍କ ସଂଖ୍ୟା କେବଳ ୪୦ପ୍ରତିଶତ ବୋଲି ଆଇସିଏମଆର ତଥ୍ୟ କହେ। ତେବେ ମହିଳା କର୍କଟ ଆକ୍ରାନ୍ତଙ୍କୁ ସହଜରେ ଚିହ୍ନଟ କରାଯାଇପାରୁନଥିବାରୁ ଉତମ ତଥା ଫଳପ୍ରଦ ଚିକିତ୍ସା ଦ୍ୱାରା ଆରୋଗ୍ୟ ଲାଭ କରିଥାନ୍ତି। କର୍କଟ ଆକ୍ରାନ୍ତଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ ଆଗୁଆ ଚିହ୍ନଟ ଓ ଚିକିତ୍ସା ଦ୍ୱାରା ମୃତୁହାର ଅତି ସ୍ୱଳ୍ପ ରହିଛି। କିନ୍ତୁ ମୁଖ, ଫୁସଫୁସ, ଗ୍ୟାଷ୍ଟ୍ରିକ କର୍କଟ ଆକ୍ରାନ୍ତଙ୍କୁ ବିଳମ୍ବରେ ଚିହ୍ନଟ କରାଯାଉଥିବାରୁ ମୃତ୍ୟୁ ହାର ଅଧିକ ରହିଛି। ଦେଶର ଉତର-ପୂର୍ବାଂଚଳରେ ବିଭିନ୍ନ ଅଂଚଳରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଥିବା କ୍ୟାନସର ରେଜେଷ୍ଟ୍ରି ପ୍ରୋଗାମରୁ ଜଣାଯାଏ। ବିଶେଷ କରି ମିଜୋରାମରେ ୨୧ ପ୍ରତିଶତ ପୁରୁଷ ଏବଂ ୧୯ପ୍ରତିଶତ ମହିଳା ଅସାଧ କର୍କଟ ପିଡିତ ଥିବା କୁହାଯାଏ। ଯାହାକି ଜାତୀୟ ହାର ୧୧ ପ୍ରତିଶତ ଠାରୁ ବହୁ ଅଧିକ। କିନ୍ତୁ ଆଇସିଏମଆର ଦ୍ୱାରା ଦେଶର ମୋଟ କର୍କଟ ଆକ୍ରାନ୍ତଙ୍କ ମଧ୍ୟରୁ ମାତ୍ର ୨୦ପ୍ରତିଶତରୁ କମ୍ ପଂଜୀକୃତ ହୋଇଥାନ୍ତି। ହସ୍‌ପିଟାଲଗୁଡିକ କର୍କଟ ଆକ୍ରାନ୍ତଙ୍କ ସମ୍ପର୍କରେ ସରକାରଙ୍କୁ ତଥ୍ୟ ଦେବା ପାଇଁ ଆମ ଦେରେ ବାଧତାମୂଳକ ଆଇନ ନାହିଁ। ଏ ନେଇ ଦେଶର ୧୭ଟି ରାଜ୍ୟରେ ଆଇନଗତ ବାଧତାମୂଳକ ବ୍ୟବସ୍ଥା ଥିବାବେଳେ ଦେଶର ଜନବହୁଳ ରାଜ୍ୟ ଉତରପ୍ରଦେଶ, ମହାରାଷ୍ଟ୍ର, ବିହାର ପରି କେତେକ ବଡ ବଡ ରାଜ୍ୟରେ ସରକାରଙ୍କୁ ତଥ୍ୟ ଦେବା ଲାଗି ଆଇନଗତ ଭାବେ କୌଣସି ବାଧତାମୂଳକ ବ୍ୟବସ୍ଥା ନାହିଁ। କର୍କଟ ଆକ୍ରାନ୍ତଙ୍କ ସମ୍ପର୍କେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହସ୍‌ପିଟାଲଗୁଡିକ ତଥ୍ୟ ପ୍ରଦାନ ରିବା ବାଧତାମୂଳକ ହେବା ଆବଶ୍ୟକ। ଏଥିପାଇଁ ବଳିଷ୍ଠ ଆଇନର ଆବଶ୍ୟକତା ରହିଛି। ଯାହାଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କର୍କଟ ନିରାକରଣ କାର୍ଯ୍ୟକ୍ରମକୁ ଅଧିକ ସକ୍ରୀୟ କରିପାରିବେ। ଫଳସ୍ୱରୁପ ଦେଶରେ କର୍କଟ ଆରୋଗ୍ୟଙ୍କ ସଂଖ୍ୟା ବଢିବା ସହ ମୃତ୍ୟୁ ହାରକୁ ହ୍ରାସ କରାଯାଇପାରିବ ବୋଲି ଆଶା।



ଭୁବନେଶ୍ୱର
ମୋବାଇଲ ନଂ-୭୯୭୮୬୬୬୪୦୩

● ହର୍ଷିକା ମେଡ଼ିଆ ଓ ସଂଗୀତ ଶତପଥୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ

# ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ




■ **କଟକ :** ହର୍ଷିକା ମେଡ଼ିଆ ଓ ସଂଗୀତ ଶତପଥୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ଚକ୍ଷୁ ପରୀକ୍ଷା ଶିବିର ହର୍ଷିକା ମେଡ଼ିଆ ଅଫିସ ରେ ଅନୁଷ୍ଠିତ ହୋଇଥିଲା। ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ ତତ୍ୱାବଧାନରେ। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର ସୁଯୋଗ ନେଇଥିଲେ ଓ ସେଥିମଧ୍ୟରୁ ୧୦ ଜଣ ଅପେରସନ ପାଇଁ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗୀତା ଶତପଥୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କୃଷ୍ଣଚନ୍ଦ୍ର ଶତପଥୀ, ଅମ୍ରିତା ବେହେରା ନିଶିତ ଜେନା, କୌଶଲ୍ୟା ସାହୁ, କ୍ୟାମ୍ପ ଅଫିସର ବିବେକାନନ୍ଦ ଦଳେଇ, ଡଃ ଅମିତା ଦାସ, ମଣିଷ ଭୋଇ, ଗୌରୀ ଶଙ୍କର, ହର୍ଷିକା ମେଡ଼ିଅର ମୁଖ୍ୟ ସମ୍ପାଦକ ଡଃ ବ୍ୟୋମକେଶ କାନୁନଗୋ, ସମ୍ପାଦକ ବିରଜା ପ୍ରସାଦ କାନୁନଗୋ, ଜ୍ୟୋତିରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣେଇଥିଲେ।

ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ୫ ବଖରା ଘର

■ **ଟାଙ୍ଗୀ :** ଭୟାବହ ଅଗ୍ନି କାଣ୍ଡ ଜଳିଗଲା ପାଞ୍ଚ ବଖରା ଘର। ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଶାଳ ଗାଁ ଗ୍ରାମପଞ୍ଚାୟତ ଅଧୀନ ଟାଙ୍ଗୀ ଥାନା ରାମଚନ୍ଦ୍ରପୁର ଗ୍ରାମରେ ଆଜି ପ୍ରାୟ ଦିବା ଏଗାର ଘଟିକା ସମୟରେ ଗ୍ରାମର ହୃଦାନନ୍ଦ ସ୍ୱାଇଁ, ସଦାନନ୍ଦ ସ୍ୱାଇଁ,ବିଚିତ୍ରାନନ୍ଦ ସ୍ୱାଇଁ ପିତା,ଗନ୍ଧର୍ବ ସ୍ୱାଇଁ ଙ୍କ ପାଞ୍ଚ ବଖରା ଘର ପ୍ରାୟ ଦିବା ଏଗାର ଘଟିକା ସମୟରେ ଇଲେକ୍ଟ୍ରିକାଲ ସର୍ଟ ସର୍କିଟ ଯୋଗୁଁ ପାଞ୍ଚ ବଖରା ଘର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଗଲା। ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁ କୁ ଆୟତ କରିଥିଲେ ମଧ୍ୟ ସବୁ ଆଶ ବାସ ସୁନା, ଧାନ, ପୋଡ଼ି ନଷ୍ଟ ହୋଇଯାଇଥିଲା। ଘଟଣାସ୍ଥଳରେ ଶାଳ ଗାଁ ଗ୍ରାମପଞ୍ଚାୟତ ସରପଞ୍ଚ, ପବିତ୍ର ମୋହନ ଉପାଧ୍ୟାୟ, ସମିତି ସଭ୍ୟା ଙ୍କ ପ୍ରତିନିଧି ମୋନାଜ କୁମାର ବେହେରା ପହଞ୍ଚି ସମସ୍ତ ପ୍ରକାର ସାହାଯ୍ୟ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି।



# ବେଆଇନ ଦେଶୀ ମଦ କାରଖାନା ଉପରେ ଖୁଣ୍ଟୁଣୀ ପୁଲିସ ପକ୍ଷରୁ ଚଢ଼ଉ

■ **ଆଠଗଡ଼ :** ଚୋରା ମଦ ରନ୍ଧା କାରଖାନା ରେ ପୋଲିସ ଚଢ଼ାଉ କରୁଛି, ଅବକାରୀ ବିଭାଗ କରୁଛି କଣ ? ବେଆଇନ ଦେଶୀ ମଦ କାରଖାନା ଉପରେ ଖୁଣ୍ଟୁଣୀ ପୁଲିସ ପକ୍ଷରୁ ଚଢ଼ାଉ ବିପୁଳ ପରିମାଣର ଗୁଡ଼ ପୋଚ ସହ ଦେଶୀ ମଦ ଜବତ ।



କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମଗଧ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଚୋରା ଦେଶୀ ମଦ କାରଖାନା ଉପରେ ଖୁଣ୍ଟୁଣୀ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଓ ମଦ ପ୍ରସ୍ତୁତି ପାଇଁ ଥିବା ପୋଚ ସହିତ ପ୍ରସ୍ତୁତ ହୋଇ ରହିଥିବା ବିପୁଳ ପରିମାଣର ଦେଶୀ ମଦକୁ ପୁଲିସ ଜବତ କରିଛି । ଏନେଇ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ ହୋଇଛି । ଯଦି ପୋଲିସ ପାଖରେ ଖବର ଅଛି ଏଠି ଏତେ ବଡ ଧରଣର ମଦରନ୍ଧା କାରଖାନା ଚାଲୁଛି ଏ ନେଇ ଅବକାରୀ ବିଭାଗ ପାଖରେ ଖବର କେମିତି ନାହିଁ । ନା ମଦ ମାଫିଆ ଙ୍କ ସହ ଅବକାରୀ ବିଭାଗ ର ମଧୁଚନ୍ଦ୍ରିକା ରେ ଚାଲିଛି ଏ ବେ ଆଇନ ମଦ କାରଖାନା ଏହାକୁ ନେଇ ଉଠୁଛି ପ୍ରଶ୍ନ ।

ଖୁଣ୍ଟୁଣୀ ଥାନା ଅଧିକାରୀ ଜହର ଆବେଦିନଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଖୁଣ୍ଟୁଣୀ ଥାନା ପୁଲିସ ଟିମ ଯୋଗ ଦେଇଥିଲେ । ମଦ ମାଫିଆ ମାନେ ଜଙ୍ଗଲ ଭିତରେ ଗାତ ଖୋଳି ମଦ ପ୍ରସ୍ତୁତ ନିମନ୍ତେ ପ୍ଲାଷ୍ଟିକ ଡ୍ରମରେ ରଖିଥିବା ଗୁଡ଼ପୋଚ ଏବଂ ପ୍ରସ୍ତୁତ ହୋଇଥିବା ଶତାଧିକ ଲିଟର ଚୋରା ଦେଶୀ ମଦ ପୋଲିସ ଜବତ କରି ଘଟଣାସ୍ଥଳରେ ନଷ୍ଟ କରିଛି।

ଆଠମଲ୍ଲିକ କପ

# ସୋନପୁରକୁ ହରାଇ ଫାଇନାଲରେ ଝାରସୁଗୁଡା

■ **ଆଠମଲ୍ଲିକ :** ଆଠମଲ୍ଲିକ ମିନି ଷ୍ଟାଡିଅମ ଠାରେ କ୍ରୀଡା ସଂସଦ ଦ୍ୱାରା ଆୟୋଜିତ ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସୋନପୁର ଓ ଝାରସୁଗୁଡା ଦଳ ମଧ୍ୟରେ ହୋଇଥିବା ଏହି ରୋମାଞ୍ଚକର ମ୍ୟାଚରେ ଝାରସୁଗୁଡା ଦଳ ୩–୧ ଗୋଲରେ ସୋନପୁରକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି ! ମ୍ୟାଚ ଟିକୁ ବରିଷ୍ଠ ରେଫରୀ ଦିଲ୍ଲୀପ କୁମାର ରାଉତ ପରିଚାଳନା






କରିଥିବାବେଳେ ଲାଇନ୍ସମ୍ୟାନ ଭାବେ ଗରିବ ବେହେରା ଓ ସୁଶୀଲ ବେହେରା ସହଯୋଗ କରିଥିଲେ ! ଏହି ସେମିଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଅର୍ଜୁନ ରାଉଳ, କୋଷାଧକ୍ଷ ତଥା ଲାଇବ୍ରେରୀଆନ ବିଶ୍ୱସୁନ୍ଦର ଶତପଥି, ସରକାରୀ ଓକିଲ ପୀତବାସ ସାହୁ, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅନ୍ତର୍ଯ୍ୟାମୀ ରାଉଳ ଓ ପୂର୍ବତନ ସଭାପତି ଦୀନେଶ କୁମାର ସିଂହ ଉପସ୍ଥିତ ରହି ଉଭୟ ଦଳଙ୍କ ସହ କରମର୍ଦ୍ଦନ କରି ଶୁଭେଚ୍ଛା ଜଣାଇଥିଲେ ! ଉଭୟ ଦଳର ଖେଳାଳିମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ! ଆସନ୍ତା ରବିବାର ଫାଇନାଲ ମ୍ୟାଚ କୁଚିଣ୍ଡା ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ! ଉପଖଣ୍ଡର ହଜାର ହଜାର ଦର୍ଶକ ଷ୍ଟାଡିଅମରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚର ଧାରାବିବରଣୀ ପ୍ରସାର କରିଥିଲେ ଶିକ୍ଷକ ପ୍ରଦୀପ କୁମାର ବାହୁକ ।

# ଗୁଳିକରି କନଷ୍ଟେବଲଙ୍କ ଆତ୍ମହତ୍ୟା

■ **ନୟାଗଡ଼ :** ଏପିଆର କନଷ୍ଟେବଲଙ୍କ ଆତ୍ମହତ୍ୟା । ମୃତକ ହେଲେ ସୁନୀଲ ସେଠୀ । ଗୁରୁବାର ସେ ରିଜର୍ଭ ପୋଲିସ କ୍ୟାମ୍ପସରେ ଜୀବନ ହାରିଥିବା ସୂଚନା ରହିଛି । କହିରଖୁଛୁ କି, ତାଙ୍କର ନିର୍ବନ୍ଧ ସରିଥିବା ବେଳେ ଆଉ କିଛି ଦିନ ପରେ ବିବାହ କରିଥାନ୍ତେ ।ସୂଚନା ଅନୁସାରେ, କନଷ୍ଟେବଲ ରିଜର୍ଭ ଅଫିସ ଛାତରେ ନିଜ ବନ୍ଧୁକରେ ଗୁଳି କରି ନିଜେ ଆତ୍ମହତ୍ୟା କରିଛନ୍ତି । ଛୁଟି ନପାଇବା ପରେ ଚାପରେ ଏପିଆର କନଷ୍ଟେବଲ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମୃତକଙ୍କ ଘର ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ବାହାଡଝୋଲା ବେରୁଆଁବାରି ଗାଁ ର ସେ ୨୦୨୩ମସିହା ରୁ କନେଷ୍ଟବଲ ଭାବେ କାର୍ଯ୍ୟରତ



ଥିଲେ ବହୁ ଚର୍ଚ୍ଚିତ ପରୀ ପରିବାର କୁ ପି ଓ ସ ଭାବରେ ସୁରକ୍ଷା ପାଇଁ ନିୟୋଜିତ ହେଇଥିଲେ, ତାଙ୍କ ବିବାହ ଘର ପାଖେଇ ଆସୁଥିବା ରୁ ଘର ତିଆରି କରିବା ପାଇଁ ସେ ଅଫିସ ରୁ ୯ଲକ୍ଷ୍ୟ ଟଙ୍କା ଲୋନ କରିଥିଲେ ବୋଲି ଶୁଣିବାକୁ ମିଳୁଛି ଖବର ଜଣ ପଡିବା ପରେ ନୟାଗଡ଼ ଟାଉନ ଥାନା ପୋଲିସ ଓ ସାଇନ୍ସଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେ ଆତ୍ମହତ୍ୟା ପଛରେ ଛୁଟି ନମିଳିବା ନା ଆଉ କିଛି ତାହା ତଦନ୍ତ ପରେ ସ୍ପଷ୍ଟ ହୋଇପାରିବ।

# ବିଜେଡିକୁ ଗୁଡବାୟ କଲେ ବିଶ୍ୱଜିତ ମହାନ୍ତି

■ **କଟକ :** ବିଜେଡି ଦଳରେ ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ତାଙ୍କୁ କୌଣସି କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନଥିଲା । ଦଳ ଭିତରେ ସେ ସର୍ବଦା କୋଣଠେସା ହେଇ ରହିଯାଉଥିଲେ, ନେତା



ଓ ନେତୃତ୍ୱ ପ୍ରତି ଆଉ ରହିଲା ନାହିଁ ତାଙ୍କର ଭରସା ଏବଂ ବିଶ୍ୱାସ । ଶେଷରେ ସେ ବାଧ୍ୟ ହୋଇ ଦଳର ସମସ୍ତ ପଦପଦବୀ ସହ ପ୍ରାଥମିକ ସଦସ୍ୟ ପଦକୁ ଗୁଡବାୟ କରିଛନ୍ତି ବୋଲି ନିମଚୌଡିସ୍ଥିତ ବାସଭବନରେ ବିଜେଡି ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ବିଖ୍ୟାତ ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ସୁପୁତ୍ର ତଥା ଶିକ୍ଷାବିତ୍ ବିଶ୍ୱଜିତ୍ ମହାନ୍ତି ବିଜେପି ଦଳରେ ତାଙ୍କର ରାଜନୈତିକ ଜୟଯାତ୍ରାର ମୂଳଦୁଆ ବାରବାଟୀ କଟକ ନିର୍ବାଚନୀ ମଣ୍ଡଳରେ ସ୍ଥାପନ କରିଥିଲେ । ଦଳ ଭିତରେ ସେ ରହି ଦଳର ମୁଖପାତ୍ର ଦାୟିତ୍ୱ ମଧ୍ୟ ବହନ କରିଆସୁଥିଲେ ।






## ଶୁଭଦାୟକ କଳା ରାଶି



କଳା ରାଶିକୁ ଅତ୍ୟନ୍ତ ପବିତ୍ର ଓ ଶୁଭ ବୋଲି କୁହାଯାଏ। ଏହାକୁ ଶିବଲିଙ୍ଗରେ ଅର୍ପଣ କଲେ ଶନି, ରାହୁ, କେତୁ ଏବଂ କାଳସର୍ପ ଦୋଷ ଦୂର ହେବା ସହିତ ସ୍ୱାସ୍ଥ୍ୟ, ବୈବାହିକ ଜୀବନ, ଆର୍ଥିକ ଲାଭ ଓ ଘରେ ସୁଖଶାନ୍ତି ଆସିଥାଏ ବୋଲି କୁହାଯାଏ । ତେବେ କଳା ରାଶିକୁ ଠିକ୍ ପାୟରେ ଶିବଲିଙ୍ଗରେ ଅର୍ପଣ କରିବା ଉଚିତ।

ଶିବଲିଙ୍ଗରେ କଳା ରାଶି ଅର୍ପଣ କଲେ ଜାତକରେ ରାହୁ-କେତୁ ଏବଂ ଶନିଦୋଷରୁ ମୁକ୍ତି ମିଳେ।
ଶନିବାର ମହାଦେବଙ୍କଠାରେ କଳା ରାଶି ଲାଗି କରିବା ଦ୍ୱାରା ଶନି ଦୋଷରୁ ମୁକ୍ତି ମଳିଥାଏ।
ସୋମବାରରେ ଶିବଲିଙ୍ଗରେ କଳା ରାଶି ଅର୍ପଣ କଲେ ଚାକିରି ଏବଂ କ୍ୟାରିୟରରେ ଉନ୍ନତି ଘଟେ ।
ବୈବାହିକ ସମସ୍ୟାରୁ ମୁକ୍ତି ମିଳେ ଏବଂ ଘରକୁ ସୁଖଶାନ୍ତି ଆସେ ।
ଶିବଲିଙ୍ଗରେ କଳା ରାଶି ଲାଗି କରିବା ଦ୍ୱାରା ସ୍ୱାସ୍ଥ୍ୟ ଲାଭ ଓ ମାନସିକ ସନ୍ତୁଳନ ରହେ।
ଶିବଙ୍କ ଠାରେ କଳା ରାଶି ଅର୍ପଣ କଲେ ଆର୍ଥିକ ସ୍ଥିତି ମଜଭୁତ ହୁଏ।
ତେବେ କାଳ ସର୍ପ ଦୋଷ ଦୂର ଲାଗି ଶିବଲିଙ୍ଗରେ କଳା ରାଶି ଅର୍ପଣ କରିବା ଉପାୟ ଲାଭକାରୀ।

## ‘କେଶର’ର ପ୍ରାକୃତିକ ଗୁଣ

ପ୍ରାଚୀନ କାଳରୁ ଭାରତରେ ଘରେ ଘରେ କେଶର ପ୍ରୟୋଗକୁ ଖୁବ୍ ଗୁରୁତ୍ୱ ଦିଆଯାଇ ଆସୁଛି । ଏହା ପଛରେ ମୂଳ କାରଣ ହେଲା କେଶରେ ଛପି ରହିଥିବା ଗୁଣ । କେଶରର ସ୍ୱତନ୍ତ୍ରତା କେବଳ ସୌନ୍ଦର୍ଯ୍ୟ ନୁହେଁ, ସେଥିରେ ନିହିତ ଥିବା ଉପକାରୀ ଅନେକ ଗୁଣ ପାଇଁ ପରିଚିତ । କେଶର ପେଟ ପାଇଁ ଲାଭଦାୟକ । ବଦହଜମୀ, ପେଟବିନ୍ଧା ବା ପେଟ ମୋଡ଼ିହେବା ଆଦି ହଜମ ସମ୍ବନ୍ଧିତ ଯେକୌଣସି ସମସ୍ୟା ଦେଖାଦେଲେ ଏହାକୁ ସେବନ କଲେ ଲାଭ ମିଳେ । ମୁଣ୍ଡବିନ୍ଧା ହେଲେ ଚନ୍ଦନ ଓ କେଶର ମିଶାଇ କପାଳରେ ଏହାର ପ୍ରଲେପ ଦେବା ଦ୍ୱାରା ତୁରନ୍ତ ଲାଭ ମିଳିଥାଏ । କେବଳ ମୁଣ୍ଡବିନ୍ଧା ନୁହେଁ ବରଂ କପାଳରେ ଲଗାଇଲେ ମୁଣ୍ଡ, ଆଖି ଓ ମସ୍ତିଷ୍କ ଥଣ୍ଡା ରହେ । ପିଲାମାନଙ୍କର ମସ୍ତକରେ ଏହାର ପ୍ରଲେପ ଦେବା ଦ୍ୱାରା ସେମାନଙ୍କର ଧୀ ଶକ୍ତି ବୃଦ୍ଧି ପାଇଥାଏ । କେଶରରେ ଶୀତଳତା ପ୍ରଦାନକାରୀ ଗୁଣ ଭରି ରହିଛି । ଶୁଷ୍କ ତ୍ୱଚା ଓ ଖଣ୍ଡିଆରେ କେଶରର ପ୍ରଲେପ ଦେଲେ ତୁରନ୍ତ ଲାଭ ମିଳିଥାଏ ।



## କେଉଁଠି ରଖିବେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି

ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତିକୁ ଘରେ ରଖିଲେ ଶୁଭ ହୁଏ ବୋଲି ବିଶ୍ୱାସ ରହିଛି। ତେବେ ଏହି ମୂର୍ତ୍ତିକୁ ଘରର କେଉଁ ସ୍ଥାନରେ ରଖିଲେ କି-ସୁଫଳ ମିଳେ ଜାଣନ୍ତୁ ସେ ସମ୍ପର୍କରେ...



ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତିକୁ ରଖିବା ପାଇଁ ଘରର ଦକ୍ଷିଣ-ପୂର୍ବ ଦିଗ ହେଉଛି ସବୁଠୁ ଉତ୍ତମ। ଏହି ଦିଗରେ ଉକ୍ତ ମୂର୍ତ୍ତି ରଖିଲେ ପରିବାର ଲୋକଙ୍କର ଆୟରେ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି।

ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ବି ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତିକୁ ରଖିବା ଶୁଭ ହୋଇଥାଏ। ଏହି ମୂର୍ତ୍ତିକୁ ସେଠାରେ ରଖିଲାବେଳେ ଏହାର ମୁହଁ ପ୍ରବେଶ ଦ୍ୱାର ଆଡକୁ ରଖିବେ। ଘର ମଧ୍ୟକୁ ଆସୁଥିବା ସକାରାତ୍ମକ ଉର୍ଜା ବା ସମୃଦ୍ଧିକୁ ଏହା ସ୍ୱାଗତ କରିବା ସହ ତାହାକୁ ବୃଦ୍ଧି କରିବାରେ ସହାୟକ ହୁଏ।


କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ଭିତରେ ସନ୍ତୁଳନ ରକ୍ଷା କରିବା ସହ ଶାନ୍ତିରେ ସମୟ ଅତିବାହିତ କରିବାକୁ ଚାହୁଁଥିଲେ, ଘର, ଅଫିସ୍ ରୁମ୍ ହେଉ କି ଲିଭିଂ ରୁମ୍‌ରେ ଲାଫିଙ୍ଗ୍ ବୁଦ୍ଧ ରଖିବା ଉତ୍ତମ ହୋଇଥାଏ। କାରଣ ଏହି ମୂର୍ତ୍ତିକୁ କିଛି ସମୟ ଚାହିଁଦେଲେ ମାନସିକ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଘରର ଲିଭିଂ ରୁମ୍; ଯେଉଁଠି ପରିବାର ଲୋକ ଅଧିକାଂଶ ସମୟ ଏକାଠି ବିତାଇଥାନ୍ତି, ସେଠାରେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ରଖିଲେ ପରିବାର ଲୋକଙ୍କ ଭିତରେ ସମ୍ପର୍କ ଦୃଢ଼ ହେବା ସହ ଭଲ ପାଇବା ବଢ଼ିଥାଏ ବୋଲି ବିଶ୍ୱାସ ରହିଛି।

ପିଲାଙ୍କ ରୁମ୍‌ର ପ୍ରବେଶ ଦ୍ୱାର ନିକଟରେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି ରଖିଲେ ସେମାନଙ୍କର ସୌଭାଗ୍ୟ ପ୍ରାପ୍ତି ହେବା ସହ ଖରାପ ନଜରରୁ ରକ୍ଷା ମିଳେ।

ପିଲାଙ୍କ ଷ୍ଟଡି ଟେବୁଲ୍ ଉପରେ ଏହି ମୂର୍ତ୍ତି ରଖିଲେ ସେମାନଙ୍କର ପାଠପଢ଼ାରେ ଏକାଗ୍ରତା ବଢ଼େ।

## ଜାଣନ୍ତୁ ମଲାଇକାଙ୍କ ଫିଟନେସ୍ ମନ୍ତ୍ର



୫୨ ବର୍ଷ ବୟସରେ ମଧ୍ୟ ସେ ପୁରା ଫିଟ୍ । ତାଙ୍କୁ ଦେଖିଲେ ଲାଗେ ବୟସ କେବଳ ଗୋଟିଏ ସଂଖ୍ୟା । ନିଜର ଫିଟନେସ ସାଙ୍ଗକୁ ସେଈନ୍ଦର୍ଯତା ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ମଲାଇକା ଅରୋରା । ନିଜର ଷ୍ଟାଇଲିସ ଲୁକ୍ ସାଙ୍ଗକୁ ଏନରଜେଟିକ୍ ଜୀବନଶୈଳୀ ଦେଖିଲେ ଯୁବତୀମାନେ ମଧ୍ୟ ପଛରେ ପଡ଼ିଯିବେ । ତେବେ ବ୍ୟାୟାମ ଏବଂ ଡାଏଟ୍ ତାଙ୍କ ଫିଟନେସର ମୂଳ ମନ୍ତ୍ର ନୁହେଁ । ସେ ଅନେକ ଘରୋଇ ଉପଚାର ଏବଂ ପ୍ରାକୃତିକ ଖାଦ୍ୟ ଖାଇଥାନ୍ତି । ନିକଟରେ ନିଜ ଫିଟନେସକୁ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ନିଜେ ପ୍ରସ୍ତୁତ କରୁଥିବା ଏକ ପନୀୟ ସମ୍ପର୍କରେ କହିଛନ୍ତି । ଯାହାକୁ ସେ ନିଜେ ଘରେ ପ୍ରସ୍ତୁତ କରିଥାନ୍ତି । ଯାହାକି ତାଙ୍କ ସୌନ୍ଦର୍ଯ୍ୟତା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ମଧ୍ୟ ସେ ଏହି ଭିଡିଓରେ ଜଣାଇଛନ୍ତି । ତେବେ ଆସନ୍ତୁ ଜାଣିବା ଏହି ପାନୀୟକୁ ସେ କିଭଳିଭାବେ ପ୍ରସ୍ତୁତ କରନ୍ତି ।

ମଲାଇକା ଏହି ପାନୀୟ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ରାତିରେ ତିନୋଟି ସାମଗ୍ରୀ ଯଥା ଜିରା, ପାନ ମଧୁରୀ ଏବଂ ଜୁଆଣୀକୁ ନିଅନ୍ତୁ । ଏହାକୁ ଗୁଣ୍ଡ କରିବା ପରେ ଗୋଟିଏ ଚାମଚ ଭିଜାନ୍ତି । ସକାଳୁ ଏହି ପାଣିକୁ ଏକ ଗ୍ଲାସରେ ଲେମ୍ବୁ ରସ ମିଶାଇ ପିଅନ୍ତି । ମଲାଇକା କହିଛନ୍ତି ଯେ ଏହି ପାନୀୟ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ । ପିଇବା ପରେ ସକାଳେ ସତେଜନା ଏବଂ ଶକ୍ତିର ଅନୁଭବ ଦିଏ । ଏଥିରେ ମିଶିଥିବା ତିନୋଯି ଯାକ ଜିନିଷ ପୁଷ୍ଟିକର ପଦାର୍ଥରେ ଭରପୂର । କେବଳ ଏତିକି ନୁହେଁ ଏହା ପେଟ ପାଇଁ ଲାଭଦାୟକ ହୋଇଥାଏ । ପାନ ମଧୁରୀରେ ଭିଟାମିନ ଏ, ସି, କ୍ୟାଲସିୟମ ଏବଂ ଆଇରନ୍ ଥାଏ । ଯାହା ହଜମ, ଦୁର୍ଗନ୍ଧ ଏବଂ ପେଟ ଯନ୍ତ୍ରଣା ଆଦି ଦୂର କରିଥାଏ । ଏହାଦ୍ୱାରା ଆପଣଙ୍କ ମେଟାବୋଲିଜିମ୍ ମଧ୍ୟ ବୃଦ୍ଧି କରାଥାଏ । ଏହାସହ ଏହି ପାନୀୟ ପିଇବା ଦ୍ୱାରା ଆପଣଙ୍କର ପେଟ ସମସ୍ୟା, ଏସିଡିଟି ଏବଂ କୋଷ୍ଠକାଠିନ୍ୟରୁ ମଧ୍ୟ ମୁକ୍ତି ମିଳିଥାଏ । ଏହାସହ ଏହି ପାନୀୟ ପିଇବା ଦ୍ୱାରା ସଠିକ୍ ପାଚନ ବଜାୟ ରଖିବା ଏବଂ ଶରୀରରୁ ବିଷମୁକ୍ତ କରିବାରେ ମଧ୍ୟ ସହାୟକ ହୋଇଥାଏ ।

## ପ୍ରାକୃତିକ ଗୁଣରେ ଭରପୁର ପଇଡ଼ ପାଣି ; ଜାଣନ୍ତୁ ଏହାର ଫାଇଦା

ଆଜିକାଲିକା ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଯାହା ଖାଦ୍ୟପେୟରେ ଅନିର୍ଦ୍ଧିଷ୍ଟ କାରଣ ପାଇଁ ଏପରି ପରିବର୍ତ୍ତନ ହେଉଛି । ଯାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି । ପ୍ରତ୍ୟେକ ଲୋକ ଏପରି ସ୍ଥିତିରୁ ବାହାରିବା ପାଇଁ ଉପାୟ ଖୋଜିଥାଆନ୍ତି । ଯେମିତି ବିନା ସାଇଡ୍ ଇଫେକ୍ଟରେ ଏବଂ ସହଜରେ ରକ୍ଷା ପାଇପାରିବେ । ପଇଡ଼ ପାଣି ଏପରି ଏକ ହର୍ବାଲ ଡ୍ରିଙ୍କ୍ସ ଯାହାକୁ ଆୟୁର୍ବେଦ ଅନୁସାରେ ମହୌଷଧି ଭାବେ ବିବେଚନା କରାଯାଏ । ପଇଡ଼ ପାଣି ପ୍ରାକୃତିକ ଗୁଣରେ ଭରପୁର ହୋଇଥିବାରୁ ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ ।

ପଇଡ଼ ପାଣିରେ ଅନେକ ପୋଷକ ତତ୍ତ୍ୱ ରହିଛି । ଏଥିରେ ସୋଡିୟମ୍,ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭରପୁର ମାତ୍ରାରେ ରହିଛି । ଏଥିସହ ଏଥିରୁ ଇଲେକ୍ଟ୍ରୋଲାଇଟ୍ସ ମଧ୍ୟ ମିଳିଥାଏ । ଯଦି ଆପଣଙ୍କର ଡିହାଇଡ୍ରେସନ୍ ହେଉଛି ତେବେ ଏହାକୁ ରୋକିବା ପାଇଁ ପଇଡ଼ ପାଣି ପିଇପାରିବେ । ତେବେ ଏହି ପାଣି ପିଇବାର ସଠିକ୍ ସମୟ, ଉପାୟ ଏବଂ ଏହାର ଲାଭ ସମ୍ପର୍କରେ ଆସନ୍ତୁ ଜାଣିବା ।

**ପଇଡ଼ ପାଣି ପିଇବାର ଫାଇଦା :**

ପେଟ ଏବଂ ପାଚନ ପ୍ରକ୍ରିୟା ପାଇଁ ଲାଭଦାୟକ : ନଡ଼ିଆ ପାଣି ପିଇବା ଦ୍ୱାରା ଆପଣଙ୍କ ପାଚନ ପ୍ରକ୍ରିୟା ମଜବୁତ ହୋଇଥାଏ ଏବଂ ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ । ଯେଉଁମାନେ ଏସିଡିଟି, ଗ୍ୟାସ ଏବଂ କୋଷ୍ଠକାଠିନ୍ୟରେ ପୀଡିତ, ସେମାନଙ୍କ ପାଇଁ ନଡ଼ିଆ ପାଣି ଏକ ପ୍ରାକୃତିକ ଉପଚାର ଭାବରେ କାର୍ଯ୍ୟ କରେ । ଏଥିରେ ଅନେକ ଏନଜାଇମ ରହିଥିବାରୁ ଏହା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ।

ହାର୍ଟ ଏବଂ ରକ୍ତଚାପ ପାଇଁ ଲାଭଦାୟକ : ହାର୍ଟ ରୋଗୀଙ୍କ ପାଇଁ ନଡ଼ିଆ ପାଣି ବେଷ୍ଟ ହୋଇଥାଏ । ଏହି ନ୍ୟାଚୁରାଲ ଡ୍ରିଙ୍କ୍ସ ପିଇବାର ଅଭ୍ୟାସ କରିବା ଦ୍ୱାରା ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ ଏବଂ ହାର୍ଟ ରୋଗର ଆଶଙ୍କାକୁ କମ୍ କରିଥାଏ । ନଡ଼ିଆ ପାଣିରେ ଥିବା ପୋଟାସିୟମ୍ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

ଚୁଟି ଏବଂ ତ୍ୱଚା ପାଇଁ ଫଳପ୍ରଦ : କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ପଇଡ଼ ପାଣି ପିଇବା ଦ୍ୱାରା ଚୁଟି ଏବଂ ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ଏହି ପାଣି ପିଇବା ଦ୍ୱାରା ତ୍ୱଚା ଏବଂ କେଶ ଜନିତ ସମସ୍ୟାକୁ ଦୂର କରିବାରେ ସହାୟକ କରେ ।

ପଇଡ଼ ପାଣି ପିଇବାର ସଠିକ୍ ସମୟ : ସକାଳେ ଖାଲି ପେଟରେ ପଇଡ଼ ପାଣି ପିଇବା ଉଚିତ୍ । ଯାହା ଆପଣଙ୍କ ମେଟାବୋଲେଜିୟମକୁ ବୃଦ୍ଧି କରିବାରେ ସାହାଯ୍ୟ କରେ । ବିଶେଷ କରି ନିୟମିତ ବ୍ୟାୟାମ କରୁଥିବା ବ୍ୟକ୍ତିଙ୍କ ପାଇଁ ପଇଡ଼ ପାଣି ଜରୁରୀ । ଏହାକୁ ସୀମିତ ପରିମାଣରେ ଏହି ଡ୍ରିଙ୍କ୍ସକୁ ପିଇବା ଉଚିତ୍ । କିନ୍ତୁ ଯେଉଁମାନେ ଡାଇବେଟିସ୍ ରୋଗରେ ପୀଡିତ ସେମାନେ ପଇଡ଼ ପାଣି ପିଇବା ପୂର୍ବରୁ ଡ଼ାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ଆପଣମାନେ ପ୍ରତିଦିନ ଗୋଟିଏରୁ ଦୁଇ ଗ୍ଲାସ୍ ପଇଡ଼ ପାଣି ପିଇପାରିବେ ।

ଏହି ସବୁ ସମସ୍ୟା ଥିଲେ ପ୍ରତିଦିନ ସୀମିତ ପରିମାଣରେ ପଇଡ଼ ପାଣି ପିଇବାର ଅଭ୍ୟାସ କରନ୍ତୁ । ଯେଉଁମାନଙ୍କ ଡାଇବେଟିସ୍ ସମସ୍ୟ ରହିଛି ସେମାନେ ଡ଼ାକ୍ତରଙ୍କ ପରାମର୍ଶ ନେଇ ପଇଡ଼ ପାଣି ପିଅନ୍ତୁ ।



# ଝିଅ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ

**ବ୍ରହ୍ମପୁର** : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀ ଙ୍କ ପୀଠରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କଲେ । ଏହି ଅବସରରେ ମା ତାରାତାରିଣୀ ଙ୍କୁ ଦର୍ଶନ କରି ଗଞ୍ଜାମ ତଥା ଓଡିଶା ମଙ୍ଗଳ କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ଏହି କନ୍ୟା ବିବାହ ଯୋଜନାର ଲକ୍ଷ୍ୟ ଓଡ଼ିଶାର କନ୍ୟାମାନଙ୍କୁ ସମ୍ମାନଜନକ ଜୀବନ ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏହି ସଂକଳ୍ପକୁ ସାକାର କରିବା ପାଇଁ ଆଜି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ କରାଯାଉଛି। ଏହି ଯୋଜନା ଯୌତୁକ ଭଳି କୁପ୍ରଥାର ବିଲୋପ କରିବା ସହ କନ୍ୟା ସନ୍ତାନଙ୍କ ପ୍ରତି ସମାଜରେ ଏକ ସକାରାତ୍ମକ ଓ ସମ୍ମାନଜନକ ଦୃଷ୍ଟିକୋଣ ସୃଷ୍ଟି କରିବାରେ ସହାୟକ ହେବ। ୨୦୧ ଯୋଡ଼ା ବର କନ୍ୟା ମା ଙ୍କ ଶକ୍ତି ପୀଠରେ ମହା ଆଡ଼ମ୍ବରରେ ପୁରୋହିତଙ୍କ ଦ୍ୱାରା ଶ୍ଳୋକ ଉଚ୍ଚାରଣରେ ପ୍ରକମ୍ପିତ ହୋଇ ଅନୁଷ୍ଠିତ ହେଲା ସାମୁହିକ ବିବାହ କାର୍ଯ୍ୟକ୍ରମ । ଏହି ମହାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ଇସ୍ପାତ, ପରିବହନ,ବାଣିଜ୍ୟ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ,ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ସେଠୀ,ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର,ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ,ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର,ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ସମେତ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଜିଲ୍ଲାର ପ୍ରଶାସନ ଅଧିକାରୀ ଗଣସମେତ ଭାରତୀୟ ଜନତା ପାର୍ଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ସରକାର ୬୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ଏହି ଯୋଜନା ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।





- କନ୍ୟାଦାନ କଲେ ମୁଖ୍ୟମନ୍ତ୍ରୀ
- ୨୦୧ ବିଭାଘର ସମ୍ପନ୍ନ

## ପାଠ ପଢାଉଥିବା ବେଳେ ଶିକ୍ଷକଙ୍କ ମୃତ୍ୟୁ

**କନ୍ଧମାଳ** : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପକାରୀ ପଂଚାୟତର ଗଞ୍ଜୁଗାଁ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଆଜି ପିଲାମାନଙ୍କୁ ପାଠ ପଢାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ସୂଚନାନୁସାରେ, ଆଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ପିଲାମାନଙ୍କୁ ପ୍ରାର୍ଥନା କରାଇବା ପରେ ଶ୍ରେଣୀ ଗୃହକୁ ଆସି ଚେୟାରରେ ବସି ଅଚେତ ହୋଇ ପଡିଥିଲେ । ପିଲାମାନେ ଗାଁ ଲୋକଙ୍କୁ ଖବର ଦେବା ପରେ ଗାଁ ଲୋକେ ତାଙ୍କୁ ଗୋଛାପଡ଼ା ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ଏହି ଘଟଣାରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## ୧୯ରୁ ମାଟ୍ରିକ ପରୀକ୍ଷା



**କଟକ** : ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ବିବାଦ ଘେରକୁ ଆସିଥିବା ବୋର୍ଡ ଏଥର ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛି। ବିଶେଷକରି ପ୍ରଶ୍ନପତ୍ର ଯେଭଳି ପ୍ରଘଟ ନହେବ; ସେ ନେଇ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଶ୍ନପତ୍ରରେ କ୍ୟୁଆର କୋର୍ଡ ଓ ୱାଟର ମାର୍କ ରଖିଛି ବୋର୍ଡ। ଫଳରେ ପ୍ରଶ୍ନପତ୍ର ପ୍ରଘଟ ହେଲେ ସହଜରେ ଜଣାପଡ଼ିବ। ମଙ୍ଗଳବାର କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚିଛି। ଖୁବଶୀଘ୍ର ଏହାକୁ ନୋଡାଲ ସେଣ୍ଟର ଗୁଡ଼ିକୁ ପଠାଯିବ। ଏଥର ମାଟ୍ରିକ ପରୀକ୍ଷା ପରିଚାଳନା ନେଇ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିବେ। ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ସାଙ୍ଗକୁ ସଂସ୍କୃତ ମଧ୍ୟମା ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଏକସଙ୍ଗେ ଅନୁଷ୍ଠିତ ହେବ। ଫେବୃଆରୀ ୧୯ରେ ପ୍ରଥମ ଭାଷା, ଫେବୃଆରୀ ୨୧ରେ ଦ୍ୱିତୀୟ ଭାଷା, ଫେବୃଆରୀ ୨୩ରେ ତୃତୀୟ ଭାଷା, ଫେବୃଆରୀ ୨୫ରେ ବିଜ୍ଞାନ, ଫେବୃଆରୀ ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ସମସ୍ତ ପରୀକ୍ଷା ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ କରାଯିବ। ଗଣିତ ପରୀକ୍ଷା ଲାଗି ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ମିଳିବ। ରାଜ୍ୟର ୩, ୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ୫, ୬୦, ୫୧୨ ବିଦ୍ୟାର୍ଥୀ। ଏଥିଲାଗି ୩୨୨ଟି ନୋଡାଲ ସେଣ୍ଟର ବୋର୍ଡ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ନୋଡାଲ ସେଣ୍ଟର ଗୁଡ଼ିକରେ ପ୍ରଶ୍ନପତ୍ର ଏବଂ ଉତ୍ତର ଖାତା କଡ଼ା ସୁରକ୍ଷାରେ ରଖାଯିବ। ସମସ୍ତ ନୋଡାଲ ସେଣ୍ଟର ଗୁଡ଼ିକୁ ଭାଇରାଲ ରେଜିଷ୍ଟ୍ରାନ୍ସ କରାଯାଇଛି। ବୋର୍ଡ ମୁଖ୍ୟାଳୟରେ ପରୀକ୍ଷା ପରିଚାଳନା ଲାଗି କମାଣ୍ଡ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଏ ସଂକ୍ରାନ୍ତରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, ମାଟ୍ରିକ ପରୀକ୍ଷା ପରିଚାଳନା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଶୃଙ୍ଖଳାର ସହିତ ପରୀକ୍ଷା ପରିଚାଳନା ଉପରେ ବୋର୍ଡ ଗୁରୁତ୍ୱ ଦେଉଛି। ଇତିମଧ୍ୟରେ ଓଏମ୍ ଆରସିଟ୍ ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚିଛି। ପରୀକ୍ଷା ପରିଚାଳନା ନେଇ ବୋର୍ଡ ପକ୍ଷରୁ ରହିଥିବା ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି।

## ୨୬ରୁ ଆରମ୍ଭ ଦୋଳ ମେଳଣ

### ୭୨ ସଙ୍କୀର୍ତ୍ତନ ମଣ୍ଡଳୀର ଦୋଳ ପ୍ରସ୍ତୁତି ବୈଠକ



**କଟକ** : ଚଳିତବର୍ଷର ଦୋଳମେଳଣ ଫେବୃଆରୀ ୨୬ ଫଗୁଦଶମୀ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ଦୋଳ ମେଳଣ କାର୍ଯ୍ୟକ୍ରମ ଶେଷ ହେବ । ଏଥିପାଇଁ ଆଜି ଚାଉଳିଆଗଞ୍ଜସ୍ଥିତ ଶ୍ରଦ୍ଧା ଗାର୍ଡେନରେ ୭୨ ସଙ୍କୀର୍ତ୍ତନ ମଣ୍ଡଳୀ ନବମୀ ମହାସଭାର ପ୍ରସ୍ତୁତି ବୈଠକ ଆୟୋଜିତ ହୋଇ ସ୍ଥିର ହୋଇଛି । ୭୨ ସଙ୍କୀର୍ତ୍ତନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଦିଗଭାଗର ଠାକୁର ଜୀଉ ମାନଙ୍କ ସଂଖ୍ୟା ୯୭ ଅଟେ । ଦିଗଭାଗ ପକ୍ଷରୁ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୩୦ଟି ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଗ୍ରହଣ ଲାଗୁଥିବାରୁ ପୂର୍ଣ୍ଣମୀ ପରିବର୍ତ୍ତେ ମାର୍ଚ୍ଚ ୨ ଚତୁର୍ଦ୍ଦଶୀରେ ୭୨ ମଠ ପ୍ରାଙ୍ଗଣରେ ପୂର୍ଣ୍ଣିମା ଦୋଳ ମେଳଣ ଓ ଏକାଦଶୀ ଫେବୃଆରୀ ୨୮ ଚାନ୍ଦିନୀଚୌକ ଠାରେ ୭୨ ସଂକୀର୍ତ୍ତନ ମଣ୍ଡଳୀର ରଜାଘର ମେଳଣ ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଅଛି । ଏ ସମସ୍ତ କାର୍ଯ୍ୟକ୍ରମ ସଫଳ କରାଇବାରେ ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ, ମହାନଗର ନିଗମ ପ୍ରଶାସନ, ରାଜନୈତିକ ନେତୃବୃନ୍ଦ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ବିଭିନ୍ନ ଗ୍ରାମର ପରିଚାଳନା କମିଟିର ସଭ୍ୟବୃନ୍ଦ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଓ କଟକ ସହରର ସମସ୍ତ ସଂକୀର୍ତନ ମଣ୍ଡଳୀ ଓ ସଂକୀର୍ତ୍ତନ ପ୍ରେମୀ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । ଫେବୃଆରି ୨୬ ଫଗୁ ଦଶମୀରେ ରଘୁନାଥଜୀଉ ମନ୍ଦିର (ତେଲେଙ୍ଗା ବଜାର), ନୂଆପଡ଼ା, ତିନିଘରିଆ, ଗଣେଶ ମନ୍ଦିର କାଳୀଗଳି, ୨୭ ଏକାଦଶୀରେ ଚୌଧୁରୀ ବଜାର, ପୋପରଡ଼ା, ଖାନ୍ ?ନଗର, ଦେଉଳ ସାହି ସାଇ କୁଟୀର, ତୁଳସୀପୁର ମଠସାହି, ବଢ଼େଇ ସାହି, ବକ୍ସିବଜାର , ୨୮ ଦ୍ୱାଦଶୀରେ କାଠଗଡ଼ା ସାହି, ପିଠାପୁର, ରାଣୀହାଟ କୁବେର ସାହି, ଶଙ୍କରପୁର, ବିଡ଼ାନାସୀ ମଙ୍ଗଳାଛକ, ରାଣୀହାର ଗୋପାଳସାହି ଗଣେଶ ମନ୍ଦିର, ମାର୍ଚ୍ଚ ୧ ତ୍ରୟୋଦଶୀରେ ଝୋଲ୍ଲାସାହି, ହରିପୁର ଦୋଳମୁଣ୍ଡାଇ, ସାଆନ୍ତ ସାହି, ଚାଉଳିଆଗଞ୍ଜ, ଦରଜୀ ସାହି, ଚାନ୍ଦିନୀଚୌକ, ମେରିଆ ବଜାର, ୨ ଚତୁର୍ଦ୍ଦଶୀରେ ଥୋରିଆ ସାହି, ଶିଖରପୁର, ଦରଖାପାଟଣା, ଚଣ୍ଡୀମନ୍ଦିର, ନାୟକ ସାହି, ୪ରେ ମାଳିସାହି, ରାଣୀହାଟ ଗୋପାଳ ସାହିରେ ଦୋଳ ମେଳଣ ଅନୁଷ୍ଠିତ ହେବା ବୋଲି ସଭାରେ ଘୋଷଣା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ଧୀରେନ୍ଦ୍ର ସିଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ୭୨ ସଙ୍କୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ଦେବେନ୍ଦ୍ର ସାହୁ, ମହାନଗର ପୂଜା କମିଟିର ସମ୍ପାଦକ ପ୍ରଭାତ ତ୍ରିପାଠୀ, ମହାନଗର ଶାନ୍ତି କମିଟିର ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ବିଜୟ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ (ଶିବ), ସମ୍ପାଦକ ପ୍ରଫୁଲ୍ଲ ସାହୁ, ୭୨ସଙ୍କୀର୍ତ୍ତନ ମଣ୍ଡଳୀ ସଭ୍ୟ ତଥା ଚାଉଳିଆଗଞ୍ଜ ସାହି ଅଧିକାରୀ ପ୍ରଦୀପ ସାହୁ, ସାଂସଦ ଭର୍ତ୍ତୃହରି ମହତାବ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ବିଜେପି ନେତା ନୟନ ମହାନ୍ତି, ନାରୀ ନେତ୍ରୀ ସ୍ମୃତି ପଟ୍ଟନାୟକ, କଂଗ୍ରେସ ନେତା ସୁରେଶ ମହାପାତ୍ର, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ୪୨ନଂ ୱାର୍ଡ କର୍ପୋରେଟର ମୀନା ସାହୁଙ୍କ ସମେତ ୨୫, ୨୨,୧୯,୧୬ ଦିଗ ଭାଗର ସର୍ବାଧିକାରୀ, ମହନ୍ତ, କଟୁଆଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଛିଣ୍ଡିଲା ଡ୍ରାଗନ ଦୋଳି ଏକାଧିକ ଲୋକ ଆହତ

**କବିସୂର୍ଯ୍ୟନଗର** : ନାମ ଯଜ୍ଞ ସ୍ଥଳ ହଠାତ ଲୋକାରଣ୍ୟ ରେ ପରିଣତ ପାଲଟିଗଲା। ଭକ୍ତ ମାନେ ପ୍ରଭୁ କୃପା ଲାଭ କରିବା ସହିତ ମିନା ବଜାର ରେ ଟିକେ ଖୁସି ହେଉଥିବା ବେଳେ ଛିଣ୍ଡି ଗଲା ଡ୍ରାଗନ ଦୋଳି। ଘଟଣା ଟି ଘଟିଛି କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ



ଖୋଜାପଲ୍ଲୀ ଦେଓ ଗାଁ ରେ । ମିନା ବଜାର ରେ ଡ୍ରାଗନ ଦୋଳି ଖେଳୁ ଖେଳୁ ଛିଣ୍ଡି ଗଲା ଦୋଳି । ଯାହା ଫଳରେ ଆହତ ହୋଇଥିଲେ ଏକାଧିକ ବ୍ୟକ୍ତି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ କୋଦଳା ଗୋଷ୍ଠୀ କେନ୍ଦ୍ର କୁ ଅଣା ଯାଇଥିବା ବେଳେ ଖବର ପାଇଁ କୋଦଳା ନଗରପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ନାୟକ ମେଡିକାଲ ରେ ପହଞ୍ଚି ଆହତ ମାନଙ୍କୁ ଭେଟିବା ସହ ମେଡିକାଲ କର୍ତ୍ତୃପକ୍ଷ ଙ୍କ ସହ ଆଲୋଚନା କରିଥିଲେ । ପରେ ଅଧକ୍ଷଙ୍କ ସହଯୋଗ ରେ ପାଞ୍ଚ ଜଣ ଗୁରୁତର ଆହତ ଙ୍କୁ ବ୍ରହ୍ମପୁର ମେଡିକାଲ ରେଫର କରାଯାଇ ଥିଲା । ଏହି ଦୁଃଖଦ ଘଟଣାରେ ସମସ୍ତ ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ କୋଦଳା ନଗରପାଳ ଶ୍ରୀ ନାୟକ ।

## ଲାବ୍ରୋଟୋରୀ ଟେକ୍ନିସିଆନ୍ ଓ ଆଟେଣ୍ଡାଟଙ୍କୁ ମରଣାତ୍ମକ ଆକ୍ରମଣ

**କଟକ** : ମେଡିକାଲ କର୍ମଚାରୀଙ୍କୁ ଆକ୍ରମଣ ଘଟଣା। ଅଭିଯୁକ୍ତମାନେ ଗିରଫ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ। ମାହାଙ୍ଗା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁରକ୍ଷା ଅଭାବରୁ ମେଡିକାଲ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ ଚିକିତ୍ସା ହେବାପାଇଁ ଆସିଥିବା ରୋଗୀଙ୍କ ସହଯୋଗୀମାନେ। ରୋଗୀ ଜଣକ ଚିକିତ୍ସା ହେବାପାଇଁ ଆସିଥିବା ବେଳେ କାର୍ଯ୍ୟରତ ଷ୍ଟାଫନର୍ସଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ଆକ୍ରମଣ କରିବା ପାଇଁ ପ୍ରୟାସ କରୁଥିବା ବେଳେ ଲାବ୍ରୋଟୋରୀ ଟେକ୍ନିସିଆନ୍ ଓ ଆଟେଣ୍ଡାଟ ଘଟଣାକୁ ଅଟକାଇବାକୁ ଆସି ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଥିଲେ ।ଲାବ୍ରୋଟୋରୀ ଟେକ୍ନିସିଆନ୍ ରଞ୍ଜିତ କୁମାର ମହାନ୍ତି ଓ ଆଟେଣ୍ଡାଟ



ସୁକାନ୍ତ ବେହେରାଙ୍କୁ ରୋଗୀ ନିହାର ରଂଜନ ଓ ତାଙ୍କ ସହଯୋଗୀ ଆକ୍ରମଣ କରିଥିଲେ। ଚିକିତ୍ସା ହେବାପରେ ମେଡିକାଲ ଅଧିକାରୀଙ୍କୁ ଜଣାଇବା ସହ ମାହାଙ୍ଗା ଥାନା କୁମୁଡ଼ାଜୟପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା କଥା ଫାଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ମେଡିକାଲ ଡାକ୍ତର ଓ କର୍ମଚାରୀମାନେ ଦାବି କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମେଡିକାଲ କର୍ମଚାରୀମାନେ। ନଚେତ କାର୍ଯ୍ୟବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଡାକ୍ତର ଓ ମେଡିକାଲ କର୍ମଚାରୀମାନେ।

- ୨୦ରୁ ଉର୍ଦ୍ଧ୍ୱ ଅସାମାଜିକ ଯୁବକଙ୍କ ସମ୍ପୃକ୍ତି

# ମୁଁ ଓଡ଼ିଆ

**॥ ଭାଗିରଥି ଜେନା ॥**



ଓଡ଼ିଶା ମାଟିରେ ଜନମ ଲଭି ମୁଁ
ପରିଚୟ ମୋର 'ମୁଁ ଓଡ଼ିଆ' ।
ଯେତେ ଭାଷା ଅଛି ସାରା ପୃଥିବୀରେ
ଓଡ଼ିଆ ଭାଷାଟି ଭାରି ବଢିଆ ।
ଓଡ଼ିଶା ମାଟିର ପାଣି ପବନରେ
ଗଢା ଯେ ମୋହର ଜୀବନ,
ଯେତେ ପରମ୍ପରା, ଯେତେ ସଂସ୍କୃତି ଥିଲେ
ଓଡ଼ିଆ ସବୁଠୁ ମହାନ୍ ।
ଯେତେ ପାଠ ପଢି ଆଗକୁ ଗଲେବି
ଭୁଲି ପାରିବିନି ମୋ ଭାଷାକୁ,
ଗର୍ବରେ କହିବି ଓଡ଼ିଆ ବୋଲି ମୁଁ
ଚମକାଇ ଦେବି ସାରା ବିଶ୍ୱକୁ ।
କୋଟି ଓଡ଼ିଆଙ୍କ ମଉଡର ମଣି ଯେ
ମହାପ୍ରଭୁ ଶ୍ରୀ ଜଗନ୍ନାଥ,
ତାଙ୍କରି ନାମରୁ ଓଡ଼ିଆ ବାଡିକୁ
ଜଗିଛି ସାରା ଜଗତ ।
ନିବେଦନ କରେ ସବୁ ଓଡ଼ିଆଙ୍କୁ
ଭଲପାଅ ଆମ ମାତୃଭାଷାକୁ
କୁହ ହେ ଓଡ଼ିଆ, ଲେଖରେ ଓଡ଼ିଆ
ଶିଖ ଆମ ଓଡ଼ିଆ ଭାଷାକୁ ॥

◆

ଜଗତସିଂହପୁର

# ବିଜନତା

**॥ ଯଶୋବନ୍ତ ପଟ୍ଟନାୟକ ॥**
ଓଡ଼ଗାଁ, ନୟାଗଡ଼

ମୋ' ଶୁଷ୍କ ହୃଦୟରେ ;
ତୁମ ମାୟାଜାଳ ସିଞ୍ଚି...
ସବୁଜିମା ଭରିଦେଲ-
ପ୍ରୀତି ଗାଲିଚାରେ,
ମୋ' ପ୍ରେମ ବଗିଚାରେ ;
ତୁମ ହସର ମୁକୁତା ବିଞ୍ଚି...
ମହମହ ବାସ ଭରିଦେଲ-
ରଜନୀଗନ୍ଧାରେ ।।

ଅନେକ ଦିନ ପରେ...
ମୁଁ ଟିକେ ଖିଲିଖିଲି ହସିଦେଲି ବୋଲି,
ଧିରେ ଧିରେ ନୀରବରେ,
ପାଦଥାପି ଚାଲିଗଲ କାହିଁ କେତେଦୂରେ ;
ଜାଣି ନ ଥିଲି...
ତୁମେ ଏତେ ସ୍ୱାର୍ଥପର ହେଇଯିବ ବୋଲି -
ଟିକେ ଖୁସି ଦେଇଦେଲାପରେ ।।

ହେଲେ ଆଜି ପୁଣି....
ଟୋପାଟୋପା ଲୁହସବୁ ବାଷ୍ପ ହୁଏ-
ମୋ' ଜୀବନ ମରୁଭୂମି ତପ୍ତବାଲି ପରେ,
ହୃଦୟଟା ଖାଁ ଖାଁ,
ଖାଲି ବିଜନତା ;
କୁହ ସତ...ଫେରିବ ତ !!!
ନା ତୁମ ବାଟ ଅଫେରନ୍ତା ???

◆

# ହଉ ହେଲା

**॥ ପ୍ରସାଦ ପଣ୍ଡା ॥**

ଫୁଲଫୁଟି ବାସିଥାନ୍ତା
ନବାସିଲା ନ ବାସୁ...
ଭଅଁରଟେ ଆସିଥାନ୍ତା
ନଆସିଲା ନ ଆସୁ...
ଜହ୍ନ ଉଠିହସିଥାନ୍ତା
ନହସିଲା ନ ହସୁ
ତାରାଟିଏ ଖସିଥାନ୍ତା
ନଖସିଲା ନ ଖସୁ...
ବେଳଅବେଳରେ କେବେ
କଳା ବଉଦିଆ ମେଘ
ଉଦାସିଆ ମୁହଁ କରି
ରୁଷିଥାନ୍ତା ନ ରୁଷୁ... ।

କଥାରେ ମୋ ରସିଥାନ୍ତା
ନରସିଲା ନ ରସୁ...
ସୁନା ଇଲିସି ଜାଲରେ
ଫସିଥାନ୍ତା ନ ଫସୁ...
ବାଟ ଜଗି ବସିଥାନ୍ତା
ନବସିଲା ନ ବସୁ...
ଛାତିରେ ଛନକା ହେଇ
ପଶିଥାନ୍ତା ନ ପଶୁ...
ଉଛୁଳି ଆବେଗ ନଈ
ବହିଥାନ୍ତା କୂଳ ଖାଇ
ପ୍ରିତିର ଅତଡ଼ା ଖଣ୍ଡ
ଧସିଥାନ୍ତା ନ ଧସୁ... ।

◆

ଅବସରପ୍ରାପ୍ତ ଅତିରିକ୍ତ
ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ
ଓଡ଼ିଶା ସରକାର

# ମନ ସିନ୍ଦୁକରେ ତୁମେ ରହିଛ

**॥ ସୁସ୍ମିତା ପଣ୍ଡା ॥**

ପ୍ରିୟରେ ! ପ୍ରିୟ ରେ ! ପ୍ରିୟ ରେ ! ପ୍ରିୟ ରେ !
ମନ ସିନ୍ଦୁକରେ ତୁମେ ରହିଛ
ଏବେ ବି ତୁମେ ବହୁତ ମନେ ପଡୁଛ ॥

ଯଉବନେ ଚାଲୁଥିଲି ମୁହିଁ ଏକା ଏକା
ତୁମ ସାଥେ ହୋଇଗଲା ଲମ୍ୱା ପଥେ ଦେଖା ॥

ଆଖି ସହ ଆଖି ଯେବେ ମିଶିଲା
ହୃଦୟର ଘଣ୍ଟି ଟିକ୍ ଟିକ୍ ବାଜିଲା ॥

ତୁମ ପାଶେ ଯେବେ ଥାଏ ମୁହିଁ
ନ ଥାଏ କାହାରିକୁ ଭୟ
ସବୁ କଷଣକୁ କରିଦିଏ ଜୟ ॥

ସାଥୀ ରେ ଭାବିଥିଲି ତୁମକୁ ଅତି ଆପଣାର
ଭାବିନଥିଲି କେବେ ତୁମଠୁ କରିଦେବ ଦୂର ॥

ଦୁହେଁ ଦୁହିଁଙ୍କୁ ପାଉଥିଲେ ଭଲ
ଜାଣି ପାରିଲିନି କ'ଣ ଥିଲା ମୋର ଭୁଲ୍ ॥

ଗଢିତୋଳିବ ବୋଲି ସଂସାର ଦେଇଥିଲ କଥା
ସାଥୀ ରେ ! ବଚନ ନ ରଖି ହୃଦୟେ ଭରିଲ ବ୍ୟଥା ॥

କାହିଁ କଲ ମୋତେ ଏତେ ଛଳନା
ମୋ ମନେ ଦେଲ ଏତେ ଯନ୍ତ୍ରଣା ॥

ହୃଦୟେ ଭରିରହିଛି ଅନେକ କୋହ
ଓଠ ପିଇଯାଉଛି ଆଖି ର ତତଲା ଲୁହ ॥

ଅତୀତର ମଧୁର ସ୍ମୃତି ରଖିଛି ସାଇତି
ଝୁରିଝୁରି ବଞ୍ଚୁଛି ଏବେ ଦିନରାତି ॥

ସିନ୍ଧୁକ ହେଉ ପଛେ କ୍ଷତ ବିକ୍ଷତ
ସଭିଏଁ ଦିଅନ୍ତୁ ପଛେ ତାକୁ ଆଘାତ ॥

ସେହି ସିନ୍ଦୁକର ତୁମେ ହିଁ ରତ୍ନ
କେହି କରିପାରିବେନି ମନ ସିନ୍ଦୁକରୁ ବର୍ଜନ ॥

ଈଶ୍ୱରଙ୍କ ଠାରେ ଏତିକି ପ୍ରଣତି
ଯେଉଁଠି ଅଛ ତୁମେ ଭଲରେ ଥାଅ ନିତି ॥

◆

କେନ୍ଦୁଝର

# ମୁଁ ଆଜିର ନାରୀ

**॥ ସୁଚିତ୍ରା ଜେନା ॥**



ନାରୀ ବୋଲି ମୋତେ
ଭାବିବନି ଅବଳା ଦୁର୍ବଳା
ମାନିନୀ ମୁଁ, ମାତୃତ୍ୱର ମମତାରେ
ଗଢ଼ିପାରେ ନୂଆ ଏକ ଧାରା !୦ !
ସ୍ନେହ, ପ୍ରେମ, ଦୟା ମୋ
ଅମୃତ ପରଷ
ଘାତ, ପ୍ରତିଘାତେ ହୁଏନି
ମୁଁ ଧର୍ଯ୍ୟ ହରା
ମୁଁ ଆଜିର ନାରୀ....
ସମାସ୍କନ୍ଦ ହେବାକୁ ଚାହେଁନି
କାହା ସାଥେ
ମୁଁ ଗଢ଼ିପାରେ ମୋ ଦୁନିଆ
ନିଜ ହାତେ.... !୧ !
ଚାରି କାନ୍ଥ ଆବଦ୍ଧ ନୁହେଁ
ମୋ ଜୀବନ
ମୁଁ ପରା ଲଙ୍ଘିପାରେ
ପୃଥିବୀ ର ସୀମା...
ଦେଶ ମାତୃକା ପାଇଁ
ହସି ହସି ଦେଇ ପାରେ ପ୍ରାଣ
ମୁଁ ମମତା ର ସ୍ୱପ୍ନ ବୁଣେ
ହୋଇ ମଦର ଟେରେସା !୨ !
ଅଜ୍ଞାତ ପଲ୍ଲୀ ରୁ ପ୍ରେରଣା ର
ସ୍ରୋତ ଟିଏ ମୁଁ...
ଶକୁନ୍ତଳା, ସରୋଜିନୀ, ଲତା
ନାରୀ ଆମେ ବିଶ୍ୱ ବନ୍ଦିତା
ଆମେ ନାରୀ ବିଶ୍ୱ ବନ୍ଦିତା !୩ !
ଆମ ଯଶ, କୀର୍ତ୍ତି, ତ୍ୟାଗ,
କରୁଣା ର ବଳେ
ଆମେ ଆମ ସଫଳତା ର
ଭାଗ୍ୟ ବିଧାତା
ଆମେ ନାରୀ ବିଶ୍ୱ ବନ୍ଦିତା !୪ !
ଭସ୍ମିଭୁତ କରିପାରୁ
ସ୍ୱର୍ଣ ପୁରୀ ଲଙ୍କା
ଅବା ଧୋଇ
ପାରୁ କେଶ କେବେ
କୌରବ ରକ୍ତରେ
କରିପାରୁ ବଦ୍ଧ ଆମେ
ନାରୀ ଲୋଭୀ
କାମାନ୍ଧ ଉପରେ
ଅଛି ଯେତେ
ଧାରା ପରେ ଧାରା
ଅଛି ଯେତେ
ଧାରା ପରେ ଧାରା !୫ !
ଥରେ ଭାବିବାକୁ ଦିଅ ତାଙ୍କୁ
ସେମାନେ ବି ଜନ୍ମ ଏଇ
ନାରୀ ଔରଷ ରୁ..
ନାରୀ ଶକ୍ତି କେନ୍ଦ୍ରୀଭୁତ
ହେଲେ ସମାଜରେ
ମହିଷାଶୁର ନିଧନ
ହେବ ଆକ୍ଳେଶରେ
ପ୍ରେରଣା ଦାୟୀନୀ
ଦୁଷ୍ଟ ସଂହାରିଣୀ
ଉଠ ହୋଇ ମହୀୟାନ
ଏକ ମନ, ଏକ ପ୍ରାଣ,
ଏକ ସ୍ୱରେ
କର ଶକ୍ତି ପ୍ରଦର୍ଶନ
ଜନନୀ, ଭଗିନୀ, ଜାୟା,
ସ୍ନେହ, ପ୍ରେମ
ପ୍ରେରଣା ର ହୋଇ ଉତ୍ସ...
ଦିଗବଳୟ ଦେଖୁ ନାରୀତ୍ୱର
ପରିପ୍ରକାଶ
ଇତିହାସ ଲେଖୁ ସ୍ୱର୍ଣ୍ଣିମ ଅକ୍ଷରେ
ନାରୀ ପୂଜ୍ୟ, ବନ୍ଦନୀୟା, ମାତା
ନିଜେ ଗଢେ ନିଜ ହାତେ
ତା ଭାଗ୍ୟ ବିଧାତା
ଆମେ ନାରୀ ବିଶ୍ୱ ବନ୍ଦିତା
ଆମେ ନାରୀ ବିଶ୍ୱ ବନ୍ଦିତା... !୬ !

◆

ଯୋବ୍ରା (କଟକ)

Printed, Published and owned by Dr. Byomakesh Kanungo of Gandharba Sahu Lane, PO - Kalyani Nagar, Dist.- Cuttack-753013 (Odisha), Printed at Khetramani Printing Press, At - Darakhapatna, PO - Kalyani Nagar, Dist - Cuttack - 753013

Editor-in-chief : Dr. Byomakesh Kanungo
Editor : Biraja Prasad Kanungo

Ph. No. : 7008872226 / 7077233233
E-mail : harsikamedia22@gmail.com

ମୁଖ୍ୟ ସଂପାଦକ : ଡଃ ବ୍ୟୋମକେଶ କାନୁନ୍‌ଗୋ
ସଂପାଦକ : ବିରଜା ପ୍ରସାଦ କାନୁନ୍‌ଗୋ